ପ୍ରମୋଦ କିଶୋର ପଣ୍ଡା

ବିଷକନ୍ୟା

Deb's Library Corner...

Digitized by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner

ମୀରା ପକେଟ୍ ବୁକ୍ସ୍

୧୧୯

ବିଷ କନ୍ୟା

[illegible]

Deb's Library Corner...

। ମ୍ୟାଗି ପକେଟ୍ ବୁକ୍ସ

ବିଷ କନ୍ୟା

ଲେଖକ :

ପ୍ରମୋଦ କିଶୋର ପଣ୍ଡା

©

ପ୍ରକାଶକ :

ଜନପ୍ରିୟ ପ୍ରକାଶନ

ବାଙ୍କିସାହି, କଟକ-୭୫୩୦୦୯

ଫୋନ : ୨୬୧୭୯୮୧

ପ୍ରଥମ ସଂସ୍କରଣ : ଅକ୍ଟୋବର, ୧୯୯୬

ଦ୍ୱିତୀୟ ସଂସ୍କରଣ : ଜାନୁୟାରୀ ୨୦୦୬

ମୁଦ୍ରଣ :

ରେଖା ପ୍ରେସ

ବାଙ୍କିସାହି, କଟକ-୭୫୩ ୦୦୯

ମୂଲ୍ୟ : **ଦଶ ଟଙ୍କା ମାତ୍ର**

BISA KANYA

By

PRAMOD KISHORE PANDA

Rs. 10-00

ସ୍ୱର୍ଣ୍ଣା ଆଜ୍ଞେ ଖୁହିଁ ଖୁବୁଛି ଜୟନ୍ତ ।

ଜଳ ପାହାଡ଼କୁ ଯାଇ ବସନ୍ତ ଯେମିତି କୌଣସି ଅଘଟଣ ଘଟାଇ ନ ବସେ । ମନୁଷ୍ୟର ପ୍ରତିହିଂସା ଯେକୌଣସି ପଶୁଠାରୁ ମଧ୍ୟ ଭୟଙ୍କର । ଯେଉଁ ଜେଲ ହାତ ବାହାରକୁ ଚାଲିଯାଇଛି, ତାକୁ ଗୋଟାଇ ନେଇ ଆସିବାର ପ୍ରଚେଷ୍ଟାରେ ମାତି ଉଠିବାର କୌଣସି ମାନେ ହୁଏନା । କୌଣସି ଯୁକ୍ତି ଖୋଜି ପାଇ ହୁଏନା । ବସନ୍ତକୁ ବାଦ୍ ଦେଇ ଶ୍ରୀମନ୍ତ ଯଦି ସୁନ୍ଦର ସିଂକୁ ନେଇ ସୁଖୀ ହୋଇପାରେ; ତା'ହେଲେ ସେ କାହିଁକି ଜୟନ୍ତକୁ ନେଇ ସୁଖୀ ହୋଇ ପାରିବନି ? ଶ୍ରୀମନ୍ତ ତା'ର ପ୍ରଥମ ପ୍ରେମ, ଆଜି ଜୟନ୍ତ...

ହଠାତ୍ ବର୍ଷା ଆରମ୍ଭ ହେଲା । ପାହାଡ଼ି ବର୍ଷା । କିଛି ସମୟ ପରେ ଅବଶ୍ୟ ଏଇ ବର୍ଷା କମି-ଯିବ । କିନ୍ତୁ ଆଜି ଆଉ ଶୈଳସହର ହସିବନି । ସମୟ ସନ୍ଧ୍ୟା ପାଖାପାଖି । ଦିନର ଆଲୋକ ବର୍ତ୍ତମାନ ସାମାନ୍ୟ ରହିଛି ସତ୍ୟ, ହେଲେ ଅଧିକ ସମୟ ଆଉ ରହିବନି । କିଛି ସମୟ ପରେ ଢାଙ୍କିଲାଇ ଆସିବ ରାତିର ଗହନ ଅନ୍ଧକାର ।

ରିଷ୍ଟୱାଚ୍‌ରେ ସମୟ ଦେଖିଲା ତପସ୍ । ଛଅଟା ବାଜି ପନ୍ଦର ମିନିଟ୍ । ସେଡ୍ ତଳେ ପଡ଼ିଥିବା ସବୁଜ ରଙ୍ଗର ବେଞ୍ଚ୍ ଉପରେ ବସିରହିଛି ସେ । ଟିକିଏ ଆଗରୁ ଉଠିଯିବ ବୋଲି ଭାବୁଥିଲା । ହେଲେ ହଠାତ୍ ବର୍ଷା ଆସିଯିବା ଫଳରେ ଆଉ ସମ୍ଭବ ହୋଇପାରିନି ।

ସମୟ 'ମେ' ମାସର ମଝିଆଁ ମଝି । ଦାର୍ଜିଲିଂ ସହରକୁ ତା'ର ଆସିବା, ଦିନ ପାଞ୍ଚଟା ହୋଇଛି । ସ୍ୱାମୀଙ୍କ ସାଥୀରେ ଆସି ଉଠିଛି ଏକ ବଶିଷ୍ଟ ହୋଟେ-ଲରେ । କେଇଦିନ ଏଠାରେ କଟାଇ ସେମାନେ

ଯିବେ ଅନ୍ୟ ସହରକୁ । ମଧୁଯାମିନୀ ଯାପନର ଉଦ୍ଦେଶ୍ୟ ହେଲା ଏଇ ଯାତ୍ରାର ପ୍ରଧାନ ଉଦ୍ଦେଶ୍ୟ ।

ଉଷସୀ ସୁନ୍ଦରୀ । ଦେହର ବର୍ଣ୍ଣ ଉଜ୍ଜ୍ୱଳ । ପାନ-ପତ୍ର ପରି ମୁହଁ । ବୟସ ପଚିଶି ହେଲେ ମଧ୍ୟ ମୁହଁ ଖୁବ୍ ପିଲାକିଆ । ଏସବୁ ପରେ ତା'ର ଦେହ ସୌଷ୍ଠବ ଯେକୌଣସି ପୁରୁଷକୁ ପ୍ରଲୁବ୍ଧ କରି ତୋଳିପାରେ, ପାଗଳ କରିପାରେ ।

ଦିନର ଆଲୋକ କ୍ରମଶଃ ଅସ୍ପଷ୍ଟ ହୋଇଆସୁଛି । ବିନୟ ଏତେବେଳକୁ ତଳ ପାହାଡ଼ରେ ପହଞ୍ଚି ସାରିଲଣି । ସୁନ୍ଦର ସିଂ ଆଉ ଶ୍ରୀମନ୍ତ ସିଂ ଅପେକ୍ଷା କରିଥିବେ ତା ପାଇଁ । ଅନେକଦିନ ପରେ ଦେଖାହେବ ବନ୍ଧୁ ସାଥିରେ । କିନ୍ତୁ ଉଷସୀ ଜାଣେ ଏ ଦେଖା କେବେହେଲେ ସୁଖକର ହେବନି ।

ବିନୟ ପାଇନ୍ ଉଷସୀର ସ୍ୱାମୀ । କୋଟିପତି ସ୍ୱାମୀ ପାଇଛି ଉଷସୀ । କାନପୁରରେ ବଡ଼ ବ୍ୟବ-ସାୟ ଅଛି ବିନୟର । ଗୋଟାଏ ବଡ଼ ଫାର୍ମ ଚଳାଛି । ବିନୟକୁ ସୁଦର୍ଶନ ବୋଲି କହିବାକୁ ହେବ । ପ୍ରାୟ ଛଅ ଫୁଟର ଦୀର୍ଘ ବଳିଷ୍ଠ ଦେହ । ବୟସ ଛତିଶି-ବତିଶି । ଉପରୁ ଚେହେରା ଭଲକରି ଦେଖିଲେ ମନର କ୍ଷତବିକ୍ଷତ ଚେହେରା ଦେଖିହୁଏ । ବୋଧହୁଏ

ସେଥିପାଇଁ ଏଇ ବିନମ୍ର ପାଇନ୍ କରୁଛି ଦୁଃଖ ପ୍ରକୃତିର ମନୁଷ୍ୟ ।

ସମୟ ଏ ପର୍ଯ୍ୟନ୍ତ ଆସିଲାନି । କାଲି ଝଡ଼ାପୁ ଆଗରୁ ସେ କହିଯାଇଥିଲା ଠିକ୍ ଛଅଟାବେଳେ ଆସିବ । ତପନ ଯେମିତି ମାଲରେ ଥାଏ । ସେ ଦୋକାନେକ ଚାକୁ । କିନ୍ତୁ କେଉଁଠାରେ ସମୟ ? ପ୍ରତୀକ୍ଷାର ସମୟ ବଡ଼ ଦୀର୍ଘ ଲାଗେ । ମନେହୁଏ ଯେମିତି ଅନନ୍ତ କାଳ ଧରି ବସିରହିବାକୁ ହେବ ତା' ଆସିବା ପଥକୁ ଚାହିଁ । ମାତ୍ର ଗୋଟାଏ ଦିନର କେଇ ଘଣ୍ଟାର ଆଳାପ ଯେଉଁ ଲୋକଟି ସାଥିରେ, ସେଇ ଯମନ୍ତ୍ର ଚୌଧୁରୀଙ୍କୁ ଏତେ ବିଶ୍ୱାସ କାହିଁକି ଯେ କରିବସିଲା ସେକଥା ତପନ ବୁଝିପାରିଲାନି । ପ୍ରାୟ ଅପରିଚିତ ଜଣେ ମନୁଷ୍ୟର ସାଧାରଣ କଥାରେ ସେ ଆସିଛି 'ମାଲକୁ' ପ୍ରତୀକ୍ଷା କରୁଛି ତା'ପାଇଁ ।

'ମାଲର' ପୁରୁଣା ବେଞ୍ଚ୍ ଗୁଡ଼ିକୁ ବାହାର କରି ନିଆହୋଇଛି । ତା' ବଦଳରେ ସ୍ଥାନ ପାଇଛି ନୂତନ ଡିଜାଇନର ବେଶ୍ । ବେଶ୍ ସୁନ୍ଦର ! ମନୁଷ୍ୟ ନୂତନର ପୂଜାରୀ । ସୌନ୍ଦର୍ଯ୍ୟର ଉପାସକ । ତଥାପି ବିନମ୍ର କାହିଁକି ଅତୀତର ପଛରେ ଛୁଟିଛି, ସେକଥା ସେ ବୁଝିପାରେନା । ଅତୀତକୁ ନେଇ ଘଣ୍ଟାଘଣ୍ଟା କଳେ

କେବଳ ଦୁଃଖ ବଢ଼େ, କମେନା । ଗତକାଲି ରାତିରେ ଏଇକଥାହିଁ ତପସ୍ୱୀ ବୁଝାଉଥିଲା ତନୟକୁ ।

ଯନ୍ତ୍ରଣାରେ ଆଶ୍ରୟ ନେଇ ବେଡ୍‌ସୁଇଚ୍ ଅଫ୍ କରି ଆଲୋକ ଲିଭାଇ ଦେଇ କହୁଥିଲା, 'ଶ୍ରୀମନ୍ତ ସଙ୍ଗରେ ଆଜି ଦେଖାହେଲା ।' ଚମକି ଉଠିଥିଲା ତପସ୍ୱୀ । ଏକସମୟରେ ଏଇ ଶ୍ରୀମନ୍ତ ଥିଲା ତନୟର ପ୍ରେମର ପ୍ରତିମୂର୍ତ୍ତି । ସେଇ ପ୍ରେମର ଉନ୍ମାଦରେ ପ୍ରାୟ ପାଗଳ ହୋଇ ଉଠିଥିଲା ତନୟ । ତାକୁ ଅନେକ ବୁଝାଇ ଶାନ୍ତ କରିଥିଲା ତପସ୍ୱୀ । ନ ହେଲେ କୌଣସି ଅଘଟଣ ଘଟାଇ ବସିଥାଆନ୍ତା ତନୟ । ସୁନ୍ଦର ସିଂକୁ ଖୁନ୍ କରି ହୁଏତ ଛଡ଼ାଇ ନେଇ ଆସିଥାନ୍ତା ଶ୍ରୀମନ୍ତକୁ ।

କମ୍ପିତ କଣ୍ଠରେ ତପସ୍ୱୀ କହୁଥିଲା—ଆଉ ପୁଣି ଅଶାନ୍ତ ହୋଇଛ…?

—ତା' ସାଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିବାକୁ ହେବ ।

—ଛି, ପାଗଳାମି କରନା ।

ଅନ୍ଧକାରରେ ଆଖି ବୁଜି ତନୟ ହସି ଉଠିଲା । କଠିନ କଣ୍ଠରେ କହିଲା—ମୋ ଅପମାନର ପ୍ରତିଶୋଧ ଗ୍ରହଣ କରିବା ପାଗଳାମି ନୁହେଁ । ସେମାନଙ୍କ ସଂସାରରେ ମୁଁ ନିଆଁ ଲଗାଇଦେବ ।

ତନୟର ଗୋଟାଏ ମାସର ଅନୁପସ୍ଥିତିର ସୁଯୋଗରେ ତା'ର ତିଳ ତିଳ କରି ଗଢ଼ି ତୋଳିଥିବା ସ୍ୱପ୍ନର ଜଗତ ଭାଙ୍ଗି ଚୁରମାର୍ ହୋଇଯାଇଛି । ଶ୍ରୀମତୀ ଧରି ନେଇଥିଲେ ତନୟ ପାଇନ୍ ମୃତ । ସେଇଥିପାଇଁ ଗୋଟାଏ ମାସ ନ ଯାଉଣୁ ତା'ର ସହକାରୀ ସୁନ୍ଦର ସିଂ ଗଳାରେ ସେ ମାଳା ଦେଇଛି । ସ୍ୱାମୀ ହିସାବରେ ଗ୍ରହଣ କରିଛି ତାକୁ ।

ତପତୀ ପ୍ରଶ୍ନ କଲା ଶ୍ରୀମତୀ ସୁଖୀ ହେଇଛି ? ତନୟ ଶୋଇ ଶୋଇ ଖଣ୍ଡିଏ ସିଗାରେଟ୍‌ରେ ନିଆଁ ଧରାଇ କହିଥିଲା—ଦେଖିବାକୁ ତ ସେମିତି ମନେହେଲା । ଗୋଟାଏ ପୁଅ ହୋଇଛି ତା'ର ।

ଦୀର୍ଘଶ୍ୱାସ ପକାଇଲା ତପତୀ । କଣ୍ଠ ଲେଉଟାଇ ଗୋଟାଏ ହାତ ରଖିଲା ତନୟର ଲୋମଶ ଛାତି ଉପରେ । ହାତ ବୁଲାଉ ବୁଲାଉ କହିଲା—ସେମାନଙ୍କ କଥା ନେଇ ତୁମେ ଆଉ ମୁଣ୍ଡ ଖେଳାଅନା ।

ଶ୍ରୀମତୀକୁ ଦେଖିବା ପରଠାରୁ ତନୟର ଘା' ଆହୁରି ଯନ୍ତ୍ରଣା ଦେବାକୁ ଆରମ୍ଭ କରିଛି । ଗୁଜର ଛାଡ଼ି ଦେଇ ଏଠାକୁ ଆସି ସୁନ୍ଦର ସିଂ ଗୋଟାଏ ଘର କରିଛି ଜଲ ପାହାଡ଼ରେ । ବେଶ୍ ବଡ଼ ବ୍ୟବସାୟ । ସୁଖୀ ଦାମ୍ପତ୍ୟ ଜୀବନ ।

ତପଣ ବୁଝାଉଥିଲା—ଶ୍ରୀମତୀର କୌଣସି ଦୋଷ ନାହିଁ । ସେ ତୁମକୁ ମୃତ ବୋଲି ଜାଣି ସୁନ୍ଦରକୁ ବିବାହ କରିଛି ।

ଢନସ୍ପୁ କହିଲା--ନା ସୁନ୍ଦର ସିଂ ଶ୍ରୀମତୀକୁ ପାଇବା ଲାଗି ଚକ୍ରାନ୍ତ କରିଥିଲା ମୋ ବିରୁଦ୍ଧରେ । ସେଦିନ ତାଲୁ ପାହାଡ଼ ଉପରୁ ମୁଁ ତଳକୁ ପଡ଼ି-ଯାଇନ । ମୋର ମନେହେଲା କେହି ଯେମିତି ଧକ୍କା ଦେଲା ମୋତେ, ଆଉ ମୁଁ… ।

ସେମାନଙ୍କୁ କ'ଣ ତୁମେ କ୍ଷମା ଦେଇପାରିବନି ।

ତପଣର ପ୍ରଶ୍ନ ପ୍ରତିଧ୍ୱନିତ ହୋଇ ଫେରିଥିଲା ଅନ୍ଧକାର ଘର ମଧ୍ୟରେ । ଢନସ୍ପୁ କୌଣସି ଉତ୍ତର ଦେଲାନାହିଁ । ଜଳନ୍ତା ସିଗାରେଟ୍ ନିଭାଇଦେଇ ଅନେକକ୍ଷଣ ଛଟପଟ ହେବାପରେ ଏକ ସମୟରେ ଘୁମାଇ ପଡ଼ିଲା ସେ ।

ବର୍ଷାଆଡ଼େ ଚାହିଁ ଭାବୁଛି ତପଣ । କାଲି ପାହାଡ଼କୁ ଯାଇ ଢନସ୍ପୁ ଯେମିତି କୌଣସି ଅଘଟନ ଘଟାଇ ନ ବସେ । ମନୁଷ୍ୟର ପ୍ରତିହିଂସା ଯେକୌଣସି ପଶୁଠାରୁ ମଧ୍ୟ ଭୟଙ୍କର । ଯେଉଁ ଲୋକ ହାତ ବାହାରକୁ ଖସିଯାଇଛି, ତାକୁ ଗୋଟେଇ ନେଇ ଆସିବାର ପ୍ରଚେଷ୍ଟାରେ ମାତ୍ର ଉଠିବାର କୌଣସି ମାନେ

ହୁଏନା । କୌଣସି ଯୁକ୍ତି ଖୋଜି ପାଇହୁଏନା । ବନଯୁକୁ ବାଦ୍‌ଦେଇ ଶ୍ରୀମନ୍ତି ଯଦି ସୁନ୍ଦର ସିଂକୁ ନେଇ ସୁଖୀ ହୋଇପାରେ, ତା'ହେଲେ ସେ କାହିଁକି ତପସ୍ତିକୁ ନେଇ ସୁଖୀ ହୋଇ ପାରିବନି ? ଶ୍ରୀମନ୍ତି ତା'ର ପ୍ରଥମ ପ୍ରେମିକା, ଆଜି ତପସ୍ତି...

ସିଧାହୋଇ ବସିଲା ତପସ୍ତି । ହସର ଏକ ଅସ୍ପଷ୍ଟ ରେଖା ଫୁଟିଉଠିଲା ତା'ର ରଙ୍ଗିନ୍ ଓଠରେ । ଦାର୍ଜିଲିଂକୁ ଆସିବା ପରଠାରୁ ବନଯୁ ଏଡ଼ାଇ ଚାଲିଛି ତପସ୍ତିକୁ । ସ୍ୱାମୀ ହୋଇ କ'ଣ ସ୍ତ୍ରୀ ପ୍ରତି କୌଣସି କର୍ତ୍ତବ୍ୟ ନାହିଁ ତା'ର ? ଏକା ସାଙ୍ଗରେ ଘୂରିବାର ଇଚ୍ଛା କ'ଣ ତପସ୍ତିର ହୁଏନା ? ତଥାପି ଗତକାଲି ତପସ୍ତି ଜୋର କରି ବନଯୁକୁ ନେଇ ଯାଇଥିଲା କ୍ଲବ୍‌କୁ ।

ତପସ୍ତିର ଇଚ୍ଛା ଥିଲା କିଛି ସମୟ ହଇଚଇ ଭିତରେ କଟାଇ ଦେଇ ଆସିବ । ଅନିଚ୍ଛାସତ୍ତ୍ୱେ ବି ରାଜି ହୋଇଛି ବନଯୁ । ଭିତରକୁ ଯାଇ ଗୋଟାଏ ଟେବୁଲ ନିକଟରେ ସାମନାସାମନି ବସିଥିଲେ ଦୁହେଁ । ଷ୍ଟେଜ ଉପରେ ଅର୍କେଷ୍ଟ୍ରା । ବେଶ ଉଗ୍ର ସଙ୍ଗୀତ ମୂର୍ଚ୍ଛନା । କେତେ ଯୋଡ଼ା ନାରୀ ପୁରୁଷ ତାଳ ମିଳାଇ ନାଚୁଛନ୍ତି । ବିରାଟ ହଲ୍‌ଘର ପୂର୍ଣ୍ଣ ହୋଇଛି ନାରୀ ପୁରୁଷରେ ।

Deb's Library Corner...

କିଛିକ୍ଷଣ ବସିରହିବା ପରେ ହଠାତ୍ ବିନୟ ଉଠି ଠିଆହୋଇ କହିଥିଲା—ମୁଁ ଟିକେ ବାହାରୁ ଆସୁଛି ତପସ୍ୱୀ ।

—ହଠାତ୍ କୁଆଡ଼େ ଯିବ ?

—କ୍ଲୋକ୍ ରୁମରୁ ଆସୁଛି ।

—ବେଶୀ ଡେରି କରିବନି ।

—ନା ।

ଦ୍ରୁତ ବେଗରେ ବାହାରକୁ ବାହାରିଗଲା ବିନୟ । ଅନେକ ସମୟ ପରେ ମଧ୍ୟ ଆଉ ଫେରି ଆସିନି ସେ । ତା'ର ଦେଖା ତପସ୍ୱୀ ପାଇଥିଲା ଅନେକ ରାତିରେ । କିନ୍ତୁ କ୍ଲବ୍‌ର ହଲଘରେ ନୁହେଁ । ତପସ୍ୱୀ ହୁଏତ ଫେରି ଆସିଥାଆନ୍ତା ହୋଟେଲକୁ । ଗୋଟାଏ ଗୋଟାଏ କରି ଛତିଶି ମିନଟ୍ ଧୈର୍ଯ୍ୟଧରି ଏକା ବସିଛି । ପ୍ରତି ମୁହୂର୍ତ୍ତରେ ପ୍ରତୀକ୍ଷା କରିଛି ବିନୟର ପ୍ରତ୍ୟାଗମନକୁ । କିନ୍ତୁ ଫେରି ଆସିନି ସେ । ଯିଏ ଆସିଲା ତପସ୍ୱୀ ତାକୁ ଚିହ୍ନେନା । ଅପରିଚିତ ଜଣେ ଯୁବକ । ତା'ର ପରି ହୁଏତ ନିଃସଙ୍ଗ ।

ସନତ ଚୌଧୁରୀ ।

ସୁଦର୍ଶନ । ପରିଚ୍ଛନ୍ନ ଚେହେରାର ଜଣେ ଯୁବକ । ଦେହରେ ମୂଲ୍ୟବାନ ସୁଟ୍ । ସନତ, ତପସ୍ୱୀ

ସାମନାରେ ପହଞ୍ଚି ବିନମ୍ର କଣ୍ଠରେ ପ୍ରଶ୍ନ କରିଥିଲା—ବସିପାରିବି ?

ଆଖି ଟେକି ଚାହିଁଲା ଉପଶ୍ରୀ । ଦ୍ୱିଧାସଙ୍କୋଚ କରିବାକୁ ଯାଇ ସନତ ଆଡ଼େଇ ଚାହିଁ ତାହା କହିପାରିନ । ସନତ ଓଠରେ ମିଠା ହସ । ଉପଶ୍ରୀ କହିଲା—ବସନ୍ତୁ ।

ଧନ୍ୟବାଦ ଦେଇଛି ସନତ । ଉପଶ୍ରୀ ପୁଣି ନାଚ ଦେଖିବାରେ ବ୍ୟସ୍ତ । ଏକ ସମୟରେ ସନତ କହିଲେ—ଆପଣ ଡ୍ରିଙ୍କ୍ସ ପସନ୍ଦ କରନ୍ତି ମିସେସ୍ ?

ଉପଶ୍ରୀ କହିଲା—ମିସେସ୍ ପାଇନ୍ । ମୋ' ନାଁ ଉପଶ୍ରୀ ପାଇନ୍ ।

ନିଜ ପରିଚୟ ଦେଇଥିଲା ସନତ । ସେ ସନତ ଚୌଧୁରୀ । ଚାକିରି କରେ ଏକ ବିଦେଶୀ ଫାର୍ମରେ । ସେ ସେଠାକାର ଚିଫ୍ ଇଞ୍ଜିନିୟର । ଆଗରୁ ଥିଲା ଶିଲଂରେ । ବର୍ତ୍ତମାନ ଅଛି କାନପୁରରେ । ଛୁଟିରେ [illegible] ଯାଏ ଭାକୁ ।

ଦୁଇ ଗ୍ଲାସ୍ ହ୍ୱିସ୍କିର ଅର୍ଡର ଦେଇଥିଲା ସନତ । ନିଜେ ଯାଇ ନେଇ ଆସିଥିଲା କାଉଣ୍ଟରରୁ । ଉପଶ୍ରୀ ଗ୍ଲାସରେ ଚୁମୁକ ଦେଇ କହିଲା—ଏଠିକି ଏକା ଆସିଛନ୍ତି ।

ମୃଦୁ ହସି ଉତ୍ତର ଦେଉଛନ୍ତି ସନତ—ହଁ, ଏକା ।
ତେବେ ଏକା ଏକା ଭଲ ଲଗେନା । ସେଇଥି ଲଗି
ଅନେକଙ୍କ ସାଥିରେ ଉପଯାଚକ ହୋଇ ଆଳାପ
କରିବସେ । ଏଇ ଯେମିତି ଆପଣଙ୍କ ସାଥିରେ
ବସିଛନ୍ତି ।

ଏକ ଝଲକ ହସ ଝରେଇଛନ୍ତି ତପସ୍ୱି । ହଠାତ୍
ବାଦ୍ୟ ଥମିଗଲା । ନାଚ ଥମିଗଲା । ଅନେକ ନାରୀ
ପୁରୁଷଙ୍କ ମିଳନ କରତାଳି ଶବ୍ଦରେ ମୁଖର ହୋଇ
ଉଠିଲା ହଲ୍‌ଘର ।

ସନତ ପଚ୍ଛରିଲା—ଆପଣଙ୍କ ସ୍ୱାମୀ କୁଆଡ଼େ
ଗଲେ ?

କ୍ଲୋକ୍ ରୁମ୍‌କୁ । ବର୍ତ୍ତମାନ ଫେରି ଆସିବେ ।

ମିଃ ଗାଇନ୍ ତ ଜଣେ ମହିଳାଙ୍କ ସାଥିରେ
ମାଲଆଡ଼େ ବୁଲିଗଲେ ।

ତପସ୍ୱି ଆଖିରେ ଅବିଶ୍ୱାସର ଚାହାଣି ଫୁଟିଉଠିଲା—
ସତେ ନା କ'ଣ ?

ମୁଁ ନିଜେ ଦେଖିଲି ।

ଗମ୍ଭୀର ହୋଇଛନ୍ତି ତପସ୍ୱି । ବନସ୍ପ ଯଦି ତାଙ୍କୁ
କଷ୍ଟଯାଇ ଥାଆନ୍ତା, ତା'ହେଲେ କ'ଣ ତାଙ୍କୁ ଯିବାକୁ
ଦେଇ ନ ଥାନ୍ତା ସେ ? କିନ୍ତୁ ତପସ୍ୱି ଥରେ ହେଲେ

ବି ଭାବିଲାନି ଯେ ଏତେ ଲୋକ ଥାଉ ଥାଉ ସନତ ଚୌଧୁରୀ କାହିଁକି ବିନୟ ଆଉ ତା' ଉପରେ ଦୃଷ୍ଟି ରଖିବାକୁ ଗଲା ?

ଏକ ସମୟରେ ସନତ କହିଲା—ମିଃ ପାଇନ୍ ବୋଧହୁଏ ଏଠାକୁ ଫେରିବେନି ।

ନୀରବ ରହିଲା ତପତୀ ।

—ଆପଣ କ'ଣ ନାଚ ଜାଣନ୍ତି ମିସେସ୍ ପାଇନ୍ ।

ଅନ୍ୟମନସ୍କ ଭାବେ ତପତୀ କହିଥିଲା—ଜାଣେ ।

—ତା'ହେଲେ ଆସନ୍ତୁନା ।

ତା'ପରେ ଅନେକ ସମୟ ପର୍ଯ୍ୟନ୍ତ କ୍ଲାନ୍ତିହୀନ ଭାବେ ସନତ ସାଥିରେ ତପତୀ ନାଚିଥିଲା । ଅନେକ ଦିନ ପରେ ନାଚିଲା ସେ । ବିବାହ ପରେ ଆଉ ନାଚିବାର ସୁଯୋଗ ପାଇନି । ସନତ ଭଲ ନାଚେ ।

ସେଦିନ ରାତି ଦଶଟାରେ ହୋଟେଲରେ ପହଞ୍ଚାଇ ଦେଇଥିଲା ସନତ । ବିଦାୟ ଆଗରୁ ତପତୀକୁ କହିଥିଲା—ପୁଣି କେବେ ଦେଖା ହେବ କୁହନ୍ତୁ ।

ତପତୀ ପଚାରିଲା—ଆପଣ କୁହନ୍ତୁ ।

—ଆସନ୍ତା କାଲି । ମାଲରେ ଠିକ୍ ଛଅଟାରେ ।

—ବେଶ୍ ମୁଁ ରହିବି ।

ସନତ କହୁଥିଲ—ଠିକ୍ ଅଛି । ଆପଣଙ୍କୁ ମୁଁ ଖୋଜନେବି । ତା’ପରେ ଚାଲି ଯାଇଥିଲ ସନତ । କ୍ଲାନ୍ତ ଦେହ ଟାଣିନେଇ ତପଣ ଉଠିଯାଇଥିଲା ହୋଟେଲର ଚାରି ମହଲକୁ । ‘ଶିଶମହଲ’ ହୋଟେଲର ଚାରି ମହଲାରେ ଶହେ ଚାରି ନମ୍ବର ଫ୍ଲାଟରେ ସେମାନେ ରହନ୍ତି ।

ଘରେ ପାଦଦେବା ମାତ୍ରକେ ବନସ୍ତ ପ୍ରଶ୍ନ କରିଛି ଆସିଲ ତା’ହେଲେ ?

—ହୁଁ, ତୁମେ କେତେବେଳେ ଫେରିଲ ?

—ଅନେକ ଆଗରୁ ।

—ଯାହା ସାଙ୍ଗରେ ପଳାଇଥିଲ, ସେଇ ଭଦ୍ର-ମହିଳାଟି କିଏ ?

—ଶ୍ରୀମନ୍ତ । ହଠାତ୍ ଦେଖା ହୋଇଗଲା ।

ତପଣ କହିଲା—ତୁମେ ମୋତେ କହି ଆସିପାରି ଥାଆନ୍ତ ।

—ସମୟ ନ ଥିଲା । ମୋତେ ଦେଖି ପଳାଇ ଯାଉଥିଲ ଶ୍ରୀମନ୍ତ ।

ତପଣ ଆଉ କିଛି କହିଲାନି । ଆଖି ବନ୍ଦକରି ସିଗାରେଟ୍ ଟାଣୁଛି ବନସ୍ତ । କୋଳ ଉପରେ ପଡ଼ିଛି ଗୋଟାଏ ପତ୍ରିକା । ତପଣ ଏକ ସମୟରେ ଶାଇବଟା

ଭଙ୍ଗକର କହିଲା—ତୁମକୁ ଅପେକ୍ଷା କରି କରି ଯେତେବେଳେ ଦେଖିଲି ତୁମେ ଆଜ ଆସିଲନି...

ବନସ୍ପ ଓଠରେ ହସ ଫୁଟାଇ କହିଲା—ସେତେବେଳେ ସନତ ଚୌଧୁରୀଙ୍କୁ ନେଇ ମଜ୍ଜିଗଲି । ତା' ସାଥିରେ ଘଣ୍ଟ ଦଶଟା ପର୍ଯ୍ୟନ୍ତ ବେଶ୍ ଭଲରେ କଟାଇଛି, ନୁହେଁ ?

—ସନତଙ୍କୁ ତୁମେ ଚିହ୍ନିଛ ?

—ଚିହ୍ନି ନ ଥିଲି । ତେବେ ଚିହ୍ନିବାକୁ ହୋଇଛି । ଲୋକଟା ସୁବିଧାର ନୁହେଁ ।

—କ'ଣ କହିବାକୁ ଚାହୁଁଛ ତୁମେ ?

—ଲୋକଟା ପୋଲିସ୍‌ର କାର୍ଯ୍ୟ କରେ ବୋଲି ମୋର ମନେହେଉଛି ।

ନିଜର ଅଜାଣତରେ ଯେପରି କମ୍ପି ଉଠିଲା ତପସ୍ୱୀ । ହସି ଉଠିଲେ ବନସ୍ପ । ଆଖି ଖୋଲି ତା' ଆଡ଼େ ଚାହିଁ କହିଲା—ଭୟ ପାଇଗଲନା କ'ଣ ?

—ନା, ଭୟ ପାଇବି କାହିଁକି ?

—ତୁମେ ଯେ ଭୟ ପାଇଛ ସେ କଥା ତୁମ ମୁହଁ କହିଦେଉଛି ।

ତପସ୍ୱୀ କହିଲା—ମୋର ଘୁମନ୍ତ ମନ ଚେଇଁ-ଉଠିଲା ଯେମିତି ।

—ମନକୁ ଆଜି ଘୁମାଇବାକୁ ଦିଅନା । ସର୍ବଦା ସଜାଗ ରଖ ।

ରୂପଶ୍ରୀର ମନ କିନ୍ତୁ କୌଣସି ପ୍ରକାରେ ମାନ-ନେଇ ପାରୁନି ଯେ ସନତ ପୋଲିସର ଲୋକ । ନିଜ ସମ୍ପର୍କରେ ଅନେକ କଥା ସେ ତାକୁ କହିଛି । ସନତର ସ୍ୱାଭାବିକ କଥାବାର୍ତ୍ତା ଶୁଣି ଥରେହେଲେ ବି ତା'ର ମନେହୋଇନି ଯେକୌଣସି ଉଦ୍ଦେଶ୍ୟ ନେଇ ରୂପଶ୍ରୀ ସାଙ୍ଗରେ ସେ ଆଳାପ କରିଛି । କେଇଘଣ୍ଟା ଅତିବାହିତ କରିଛି ତା' ସାଥିରେ ।

ସୋଫା ରୁମ୍‌ର ଡ୍ରେସିଂ ଅଇନା ସାମନାରେ ଆସି ରୂପଶ୍ରୀ ବସିଲା । ଦର୍ପଣରେ ନିଜ ଆଖି ଦୁଇଟିକୁ ବେଶ୍ କରୁଣ ବୋଲି ମନେହେଲା ତା'ର । ଦେହ କ୍ଳାନ୍ତ ହେଲେ କ'ଣ ଆଖି କରୁଣ ଦେଖାଯାଏ ? ଦୀର୍ଘଶ୍ୱାସ ପକାଇଲା ସେ ।

ଅନେକ ଦିନ ପରେ ଆଜି ରୂପଶ୍ରୀର ମନେପଡ଼ିଲା ବୀରେନ୍ଦ୍ର କଥା । ଦର୍ପଣରେ ବୀରେନ୍ଦ୍ର ହସ ହସ ମୁହଁ ଯେମିତି ସ୍ଥିରହୋଇ ରହିଛି ।

ବୀରେନ୍ଦ୍ର କୁହେ—ମୁଁ ତୁମ ଆଖିର ଭାଷା ପଢ଼ି-ପାରେ ତପୁ !

ରୂପଶ୍ରୀ କହେ—ସତେ ନା କ'ଣ ?

—ସତ । ସତ କହୁଛୁ ।

ଆଜି ଏଇ ମୁହୂର୍ତ୍ତରେ ବୀରେନ୍ଦ୍ର ଯଦି ତା' ଆଖିଆଡ଼େ ବୃଷ୍ଟି ଦେଖିଥାଆନ୍ତା । ତା'ହେଲେ କି ଭାଷା ପଢ଼ିଥାନ୍ତା ସେ ? ସେ କ'ଣ କୁହନ୍ତା—ତପୁ, ତୁମେ ଖୁବ୍ ଭୟ ପାଉଛ ?

ତହେଲେ ଏଇ ବୀରେନ୍ଦ୍ର ସେଦିନ ତା'ର ଆଖିର ଭାଷା ପଢ଼ି ପାରି ନ ଥିଲ । ବୀରେନ୍ଦ୍ର ଆଜି ନାହିଁ; କିନ୍ତୁ ତା'ର କଥା ରହିଯାଇଛି । ମଣିଷ ଚାଲିଯାଏ ସିନା, ହେଲେ ତା'ର କଥା ଦାଗ କରିଯାଏ ମନରେ ସବୁଦିନ ଲାଗି । ଉଚ୍ଚ ଏକ ମନର ଅଧିକାରୀ ଥିଲ ଏଇ ବୀରେନ୍ଦ୍ର ସାହାଣୀ । ଫରେଷ୍ଟ ଅଫିସର । ଲମ୍ବା ଚଉଡ଼ା ଚେହେରା । କଥା କୁହେ କମ୍ । ଆଜି କିନ୍ତୁ ତାକୁ ହରେଇ ବସିଛି ତପସ୍ୱୀ । ଗଭୀର ଏକ ଷଡ଼ଯନ୍ତ୍ର ଗ୍ରାସ କରିଛି ତାକୁ ।

ପୋଷାକ ବଦଳାଇ ଫେରିଲା । ନାଇଟ୍ ଗାଉନ୍ ପିନ୍ଧିଲା ତପସ୍ୱୀ । ଦର୍ପଣରେ ନିଜକୁ ଖୁଣ୍ଟି ନାଣ୍ଟି ଦେଖିଲା କେଇଥର । ସନତପୁ ତପସ୍ୱୀ ପଛରେ ଆସି ଠିଆହୋଇ କହିଲା—ଦର୍ପଣରେ କ'ଣ ଦେଖୁଛ ?

—ନିଜକୁ, ନିଜର ପ୍ରତିବିମ୍ବକୁ ।

—ଲାଭ କ'ଣ ?

—କ୍ଷତି ବା କ'ଣ ?

—ଯେଉଁ କାର୍ଯ୍ୟରେ ଲାଭ ନାହିଁ, ସେମିତି କାର୍ଯ୍ୟ ନ କଲେ ଭଲ ।

ତପସ୍ୱୀ କହିଲା—ଏତେ ଲାଭ କ୍ଷତି କଥା ଭାବି ଭିତର ଏତେ ଅବସନ୍ନ ହେବ କାହିଁକି କୁହ ?

ତୁମର ଅବସନ୍ନ ହୋଇଛି ?

—ମୃତ ବୀରେନ୍ଦ୍ରଙ୍କ ଆତ୍ମା ତିଳ ତିଳ କରି ଜାଳି ପୋଡ଼ୁଛି ମୋତେ ।

—ସେ ଦୋଷ ମୋର ନୁହେଁ । ବୀରେନ୍ଦ୍ର କାହାର ହାତରେ ମରିଥିଲା ସେକଥା ତୁମେ ଜାଣିଛ ?

—ଜାଣେ ବୋଲି ତ କହୁଛି ।

ତପସ୍ୱୀ ପଳାଇଲା ବାଥ୍‌ରୁମ୍ । ତା'ପରେ ଅନେକ-କ୍ଷଣ ଧରି କାନ୍ଦିଥିଲା ବାଥ୍‌ରୁମ୍ ଭିତରେ । କାହିଁକି କାନ୍ଦୁଥିଲା ସେ ? କାହାପାଇଁ ତା'ର ଏଇ କାନ୍ଦଣା ?

ଅକ୍ସଫୋର୍ଡ ବୁକ୍‌ଷ୍ଟଲ ଆଡ଼େ ବୁଲିବା ମାତ୍ରକେ ତପସ୍ୱୀ ଦେଖିପାରିଲା ତାକୁ । ଆଖିରେ ପଡ଼ିଲା ସେଇ

ତରୁଣୀ । ସୁନ୍ଦରୀ ଗୌରବର୍ଣ୍ଣା । ମୁହଁ ସାମାନ୍ୟ ଲମ୍ବା । ବୟସ ବୋଧହୁଏ ଊଣେଇଶି କୋଡ଼ିଏ ହେବ । ରୂପର ଚମକ ଅଛି । ଅନ୍ୟଦିନ ଭଳି ଆଜି ମଧ୍ୟ ସେ ଚାହିଁ-ରହିଛି ଏଇ ଆଡ଼କୁ ।

ଭ୍ୟାନିଟି ବ୍ୟାଗରୁ ତପସ୍ୱୀ ବାଇନକୁଲର୍ ବାହାରକଲା । ଆଖିରେ ଲଗାଇ ଦେଖିଲା । ଅନେକ ପାଖରେ ଏଥର ତରୁଣୀକୁ ଦେଖୁଛି । ଏ ମୁହଁ ଆଗରୁ କେବେ ଦେଖିଛି କି ନାହିଁ ସେକଥା ଠିକ୍ ମନେପଡ଼ୁନି ତା'ର । ତରୁଣୀ ଦେହରେ ଗୁପା ସିଲ୍କ ଶାଢ଼ୀ । ହାତରେ ଲାଲ୍ ରଙ୍ଗର ଭ୍ୟାନିଟି ବ୍ୟାଗ୍ ।

ଏମିତି ନିବିଷ୍ଟ ଭାବେ କ'ଣ ଦେଖୁଛନ୍ତି ?

ଆଖି ସାମନାରୁ ବାଇନାକୁଲର ଦୂରେଇ ରଖିଲା ତପସ୍ୱୀ । କଣ୍ଠସ୍ୱର ଲକ୍ଷ୍ୟକରି ମୁହଁ ଫେରାଇ ଚାହିଁଲା । ସନତ ହସୁଛି ଚାରିଆଡ଼େ ଚାହିଁ । ତପସ୍ୱୀ ମୃଦୁ ହସି କହିଲା—ଆସିଯାଇଛନ୍ତି ତା'ହେଲେ ?

—ଟିକେ ଡେରି ହୋଇଗଲା ।

—ବ୍ୟସ୍ତ ଥିଲେ ବୋଧହୁଏ ?

—ଅନେକଟା ସେଇଆ । ଆପଣଙ୍କୁ କିନ୍ତୁ ଖୁବ୍ ସୁନ୍ଦର ମାନୁଛି ।

Deb's Library Corner...

ଚମ୍ପକର କପାଳରେ ରକ୍ତାଭ ଦେଖାଦେଲା । ଖୁସି ହେଲା ସେ । ପ୍ରତ୍ୟେକ ନାରୀ ଚାହେଁ ପୁରୁଷ ମୁହଁରୁ ନିଜର ପ୍ରଶଂସା ଶୁଣିବାକୁ । ତା'ଛଡ଼ା ସନତର କଥା ସ୍ୱତନ୍ତ୍ର । ପରିଚୟ ପରଠାରୁ ଚମ୍ପକ ଲକ୍ଷ୍ୟ କରିଛି ଲୋକଟି ସ୍ପଷ୍ଟ କଥା କହିବାକୁ ଭଲପାଏ । ହୁଏତ ସନତର ମୁହଁର କଥା ଆଉ ମନର କଥା ଏକ ।

ଚମ୍ପକ ପାଖରେ ଆସି ବସିଲା ସନତ । ଆଜି ଆଜି ଗୋଟାଏ ସୁଟ୍ ପିନ୍ଧିଛି ସେ । ବେଶ୍ ଚକ୍ ଚକ୍ ଠାଉ । ନିଜ କୋଳ ଉପରେ ଦୁଇ ହାତ ରଖିଛି । ଡାହାଣ ହାତର ଅନାମିକାରେ ହୀରା ମୁଦି ଚକ୍ ଚକ୍ କରୁଛି ।

ଚମ୍ପକ କହିଲା···କି ହାତେ ବର୍ଷା ହେଉଛନ୍ତି ?

ସନତ ହସି ହସି କହିଲା—ଅକାଳ ବର୍ଷା କାହେଁ ହୁଏ ।

ସହସା ଚମ୍ପକ କହିଲା—ଅକ୍ସଫୋର୍ଡ ବୁକ୍ସ୍ଟଲ ଆଡ଼କୁ ଚାହାନ୍ତୁ ତ' ମିଃ ଚୌଧୁରୀ ।

—ଚାହିଁଛି, କ'ଣ କହିବେ କୁହନ୍ତୁ ।

—ସେଇ ଯେଉଁ ନାଲ ଶାଢ଼ୀ ପିନ୍ଧା ପରମା ସୁନ୍ଦରୀ ତରୁଣୀ···

ସନତ କଥା କାଟି କହିଲା—ତାଙ୍କ ନାମ ସ୍ୱନା ଜାଉଲ୍ । ଲିପ୍ଟନ୍ ମୋଟେଲରେ ରହନ୍ତି । ଏକା ରହନ୍ତି ।

—ଆପଣ ଜାଣିଲେ କେମିତି ?

—ମୁଁ ତା'ର ପାଖ ରୁମ୍‌ରେ ରହେ । ଆଲାପ ହୋଇଛି । ତାପରେ ଇତସ୍ତତଃ କଲା । କଥାଟା କହିବ କି ନାହିଁ ଚିନ୍ତା କଲା । ତା'ପରେ କହିଲା—ଦାର୍ଜିଲିଂ ଆସିବା ପରଠାରୁ ପ୍ରତିଦିନ ଦେଖୁଛି ଭଦ୍ରମହିଳା ମୋଆଡ଼େ ଚାହିଁରହୁଛନ୍ତି । କ'ଣ ଦେଖନ୍ତି ସେ କଥା ଭଗବାନ ଜାଣିଥିବେ ।

ଓଠରେ ହସ ଖେଳାଇ ସନତ କହିଲା—ସେ କ'ଣ ଦେଖନ୍ତି ମୁଁ ଜାଣେ । ଆପଣ ବୋଧହୁଏ ଜାଣି-ନାହାନ୍ତି ଯେ ଆପଣ ଅସାମାନ୍ୟା ସୁନ୍ଦରୀ । ଆପଣଙ୍କ ସୌନ୍ଦର୍ଯ୍ୟ ଦେଖିବା ଲୋକ...

—ଆପଣ ମୋ କଥାରେ ଗୁରୁତ୍ୱ ଦେଉନାହାନ୍ତି...

—ସତ କଥା କହିବାକୁ ଗଲେ ସ୍ୱନା ମୁହଁରୁ ଆପଣଙ୍କ କଥା ମୁଁ ଶୁଣିଛି ।

ବାଇନାକୁଲାର ନେଇ ଏପାଖ ସେପାଖ କରିବାକୁ ଲାଗିଲା ତାପରେ । ଆଖିରେ ଲଗାଇ ଆଗ୍ରହରେ ଭଲ ଭାବରେ ଦେଖିଲା ସ୍ୱନା ଜାଉଲ୍‌କୁ । ସ୍ୱନା ମଧ୍ୟ କମ୍

ସୁନ୍ଦର ମୁହେଁ । ତରୁଣୀର କୌତୂହଳ ପୀଡ଼ା ଦେଉଛି ତାକୁ ।

ସନତ ନିଜ କୋଟ୍ ପକେଟରେ ପିନ୍‌ରେ ଲଗିଥିବା ନାଲ୍ ଗୋଲାପ ଖୋଲିନେଇ ସହସା ତପସୀର ଖୋସା ଦେହରେ ଗୁଞ୍ଜି ଦେଲା । ପ୍ରଥମେ ଚମକି ଉଠିଲା ତପସୀ । ଖୋସାରେ ହାତ ଦେଇ ଫୁଲ ଅନୁଭବ କରି ପରକ୍ଷଣରେ ମିଠା ହସ ହସିଲା ସେ ।

ସନତ କହିଲା—ଯେଉଁଠି ଯାହା ମାନିବା କଥା, ସେଇଠି ସେସବୁ କହିବା ଉଚିତ ।

ତପସୀ ଓଠରେ ହସ ଫୁଟାଇ କହିଲା—ଆପଣ ଖୁବ୍ ଦୁଷ୍ଟ ।

—ଖୁସି ତ ?

କିନ୍ତୁ ତପସୀ କୌଣସି କଥା କହିବାକୁ ଆଉ ମଧ୍ୟ କହିପାରିଲାନି । ଚୁପ୍‌କରି ରହିଲା ସେ । ଉଚ୍ଛ୍ୱଳ ହୋଇଉଠିବା ଉଚିତ ଥିଲା; କିନ୍ତୁ ପାରିଲାନି । ଅନ୍ୟ-ମନସ୍କ ହୋଇଉଠିଲା ତା'ର ମନ । ଗମ୍ଭୀର ମନେହେଲା ତପସୀକୁ ।

ଆଉ ଜଣେ ଠିକ୍ ଏମିତି ଫୁଲ ଖୋସି ଦେଇଥିଲା ତା' ଗଭାରେ । ସେଇ ଫୁଲ କିନ୍ତୁ ଗୋଲାପ ନ ଥିଲା । ବନ ପଥରେ ଫୁଲ୍ଲୁ ଫୁଲ୍ଲୁ କେଇଟା ଜଙ୍ଗଲି ଫୁଲ

ଛୁଣ୍ଡାଇ ନେଇ ବୀରେନ୍ଦ୍ର ସେଦିନ ଗୁଞ୍ଜି ଦେଇଥିଲା ତା' ଖୋଷାରେ । ତପସ୍ୱି କହିଥିଲା—ତୁମେ ଖୁବ୍ ଦୁଷ୍ଟ ।

ବୀରେନ୍ଦ୍ର କହିଥିଲା—ତୁମକୁ ବର୍ତ୍ତମାନ ଖୁବ୍ ସୁନ୍ଦର ଦେଖାଯାଉଛି ତପୁ !

ନିଃଶବ୍ଦରେ ହସିଥିଲା ତପସ୍ୱି ।

ଆଖି ଦୁଇଟି ଲୋତ୍ତ ଉଠିଲା । ରୁମାଲରେ ଆଖି ପୋଛିନେଲା ସେ । ଅସ୍ୱସ୍ତି ବୋଧକରୁଛି ସନତ । ସ୍ପଷ୍ଟ କଣ୍ଠରେ କହିଲା—ଆପଣ କ'ଣ ଭଲ କଲେ ମିସେସ୍ ପାଇନ୍ ?

—ନା ।

—ତା'ହେଲେ ହଠାତ୍ ଗମ୍ଭୀର ହୋଇଗଲେ କାହିଁକି ?

—ମୋର ଅତୀତ ମଝିରେ ମଝିରେ ମୋତେ ଅତିଷ୍ଠ କରି ତୋଳେ ।

—ମୁଁ ଦୁଃଖିତ ।

—ତୁ...ତୁ...ସେ କ'ଣ କହୁଛନ୍ତି ?

ମ୍ଳାନ ହସିଲା ସନତ । ତପସ୍ୱି ଥମି ଥମି ଏକ ସମୟରେ କହିଲା—ମୋ ଜୀବନଟା ଖୁବ୍ ଦୁଃଖମୟ

ଚୌଧୁରୀ । ମୋ ଗୃହ ଭିତରେ ଅନେକ ବ୍ୟଥା ଲୁଚି ରହିଛି ।

—ଆପଣ ମୋତେ କଷ୍ଟ କରିବେ ?

—ନା ।

ବର୍ଷା । ଆଜି ଶ୍ରାବଣ । କେତେବେଳେ ଯେ ବର୍ଷା ବନ୍ଦ ହୋଇଯାଇଛି । ଦୁଇଜଣଙ୍କ ମଧ୍ୟରୁ ସେକଥା କେହି ଜାଣିପାରି ନାହାନ୍ତି । ନୀଳ ଆକାଶ ବର୍ତ୍ତମାନ ପାଂଶୁବର୍ଣ୍ଣ । ମାଲ୍‌ରେ ଖେଳାଇ ହୋଇ ପଡ଼ୁଛି ଗୋଧୂଳିର ଆଲୋକ । ଜଗତ ଯେମିତି ହତଶ୍ରୀ ପରିବେଶ ।

—ମି: ଚୌଧୁରୀ !

—କୁହନ୍ତୁ ।

ଦୂର ବନବଳୟ ଆଡ଼େ ଦୃଷ୍ଟି [illegible] କହିଲି—ଆପଣ କୌଣସି ଦିନ ପାପ କରିଛନ୍ତି ?

—ନିଜର ଅଜାଣତରେ କରିଛି କି'ଣ ଜାଣେନା, ତେବେ ଜାଣିବାରେ ନୁହେଁ ।

—ପାପୀକୁ ଘୃଣା କରନ୍ତି ?

—ନା, ପାପକୁ ଘୃଣା କରେ ।

ମାଲ୍‌ର ଖୋଲା ଜାଗାରେ ପୁନର୍ବାର ମଣିଷଙ୍କ ଭିଡ଼ । ଶୂନ୍ୟ ସ୍ଥାନ ବର୍ତ୍ତମାନ ମୁଖର । ସନତ କହିଲା—ଚାଲନ୍ତୁ, ଫେରିଆସିବା ।

ବାଇନାକୁଲର ଭ୍ୟାନଟି ବ୍ୟାଗ୍‌ରେ ରଖି ଛପଣି ଉଠି ଠିଆହେଲା । ମାଲ୍ ରୋଡ଼ର ଡାହାଣ ପାଖ ରାସ୍ତା ଧରି ପାଖାପାଖି ଚାଲିଲେ ଦୁଇଜଣ ଚୁପଚାପ । ମନ୍ଥର ଗତି । ଛପଣି ନଜର ଦୃଷ୍ଟି ଫେରାଇ ଆଣିଲା, ନାଁ ଅଜଣା ଗ୍ରେଟ ଗ୍ରେଟ ଗଛରେ ଭରା ସେଇ ପାହାଡ଼ ଆଡ଼କୁ । ଗୋଟାଏ ଝରଣା ଉହ୍ଲାଇ ଆସିଛି ପାହାଡ଼ ଦେହ ଦେଇ ତଳକୁ । ଛପଣିର କ'ଣ ହେମିତି ହେଲା ହଠାତ୍ ଦୁଇ ହାତରେ ମୁହଁ ଢାଙ୍କି ଅସ୍ଫୁଟ ଆର୍ତ୍ତନାଦ କରିଉଠିଲା ।

ବିସ୍ମିତ ହେଲା ସନତ । ପଚାରିଲା କ'ଣ ହେଲା ମିସେସ୍ ପାଇନ୍ ?

ନିଜକୁ ସମ୍ଭାଳିବାକୁ କିଛି ସମୟ ନେଲା ଛପଣି । ମୁହଁ ଖୋଲି କହିଲା—ନାଁ, କିଛି ନୁହେଁ ।

—ଆପଣ ଟିକେ ବିଶ୍ରାମ ନେବେ ?

—ନା ।

ଲୁମାଲରେ ମୁହଁ ପୋଛିଲା ଛପଣି । ପୁଣି ଚାଲି-ବାକୁ ଲାଗିଲେ ସନତର ପାଖାପାଖି । କେଇ ମିନିଟ୍ ପରେ ଓଇଡ଼ ଗର୍ଲସ୍ ସ୍କୁଲ ପାଖରେ ଆସି ଠିଆହେଲେ ଦୁହେଁ । ଗୋଟାଏ ବେଞ୍ଚ୍‌ରେ ବସିଲା ଛପଣି । ସନତ ବସିଲନି । ରେଲିଂ ଧରି ଠିଆହୋଇ ରହିଲା । ନିଆଁ ଧରାଇଲା ଖଣ୍ଡିଏ ସିଗାରେଟ୍‌ରେ ।

ସାମନାରେ ଅନେକ ଦୂରକୁ ଲେକ୍ ରେସ୍‌କୋର୍ସ । ଆଜି ଫାଙ୍କା । ଦୀର୍ଘଶ୍ୱାସ ପକାଇଲେ ତପଶ୍ରୀ । ସନତ ଆସି ଠିଆହେଲେ ପାଖରେ । ପଚାରିଲେ ଅତୀତର କୌଣସି ଘଟଣା ଆପଣଙ୍କର ମନେପଡ଼ୁନ ।

ଆଖି ଥରଉଠିଲା ତପଶ୍ରୀର । କହିଲା—ନା ।

—ତା'ହେଲେ ?

—ହଠାତ୍ କ'ଣ ଯେ ହେଲା···

—ଦୂରରେ ସେଇ ଝରଣାଆଡ଼େ ଚାହିଁ ଆପଣ ଚିତ୍କାର କରି ଉଠିଲା ଭଳି ମନେହେଲା ।

—ନା··ନା ।

—ଆପଣ ସତ୍ୟ ଗୋପନ କରିବାକୁ ଚାହୁଁଛନ୍ତି ମିସେସ୍ ପାଇନ୍ ।

ତପଶ୍ରୀ କିଛି କହିବାକୁ ଚେଷ୍ଟା କଲା । ମାତ୍ର ପାରିଲାନି । ସନତ ପୁନର୍ବାର କହିଲା—ଆପଣଙ୍କୁ ଦେଖି ମୋର ଜଣେ ଭାଉଜଙ୍କ କଥା ମନେପଡ଼ୁଛି ।

—ଆପଣଙ୍କ ଭାଉଜ ?

—ହଁ, ନିଜର ନୁହେଁ । ଦୂର ସମ୍ପର୍କୀୟ । ସେ ଡାଲି ପାହାଡ଼ଆଡ଼େ ବୁଲିଲେ କାହିଁକି କେଜାଣି ଅନ୍ୟ ପ୍ରକାର ହୋଇଯାଆନ୍ତି ।

—କାହିଁକି ?

—ତାଙ୍କ ସ୍ୱାମୀଙ୍କ ଜିପ୍ ପାହାଡ଼ରୁ ଖସି ପଡ଼ି ଦୁର୍ଘଟଣାର ଶିକାର ହୋଇଥିଲା । ସେଇଠି ମୃତ୍ୟୁ ଘଟିଥିଲା ତାଙ୍କର । ତା' ପରଠାରୁ…

କଥା ଶେଷ ନ କରି ଥମିଗଲା ସନତ । ତପସ୍ୱୀ ପ୍ରଶ୍ନ କଲା—ଭଦ୍ରଲୋକଙ୍କର ନାମ କ'ଣ ?

—ନାଁ ଶୁଣି ଆଜି କ'ଣ ବା ଲାଭ ହେବ ?

ଚତୁର୍ଦ୍ଦିଗରେ ଅନ୍ଧକାର ଘେରିଆସୁଛି । ଗୋଟାଏ ଦୁଇଟା କରି ତାରା ଫୁଟିଲେଣି ଆକାଶରେ । ତପସ୍ୱୀ ଦେହର ହାଲୁକା ଶୀତ ବସ୍ତ୍ର ଉପରେ ଅନୁକୂଳ ମନେ-ହେଉଛି । ଏଇ ମୁହୂର୍ତ୍ତରେ ତା'ର ମନେହେଲା ସନତ ଜଣେ ରହସ୍ୟମୟ ପୁରୁଷ । ତନୟ କଥାହିଁ ଠିକ୍ । ସେ ବୋଧହୁଏ ପୋଲିସର ଲୋକ । ତେବେ ଏଥିରେ ଭୟ ପାଇବାର କ'ଣ ଅଛି ତା'ର ?

ବୀରେନ୍ଦ୍ରର ମୃତ୍ୟୁକୁ କେନ୍ଦ୍ର କରି ଯେଉଁ ଜଟିଳ ସମସ୍ୟା ସୃଷ୍ଟି ହୋଇଥିଲା, ପ୍ରାୟ ଛଅମାସ ତଳେ ନିଷ୍ପତ୍ତି ହୋଇଯାଇଛି ତା'ର । ପୋଲିସ ବିଭାଗ ଶେଷ ପର୍ଯ୍ୟନ୍ତ ବୀରେନ୍ଦ୍ରର ମୃତ୍ୟୁକୁ ଆତ୍ମହତ୍ୟା ବୋଲି ମତ ପ୍ରକାଶ କରିଛି । ଆଜି ପୁଣି ପୁରୁଣା ଘଟଣା ନେଇ କିଏ ବା ବ୍ୟସ୍ତ ହେବ କ'ଣ ପାଇଁ ?

ବିନୟ ସବୁ ଜାଣି ମଧ୍ୟ ଅନ୍ୟ ଧାରଣା ପୋଷଣ କରୁଛି । ତା'ର ଧାରଣା ବୀରେନ୍ଦ୍ର କେଶ୍ ଆଦୌ ଗୁପ୍ତ ପଡ଼ିନ । ମୃତ୍ୟୁର ଗୋଟାଏ ବର୍ଷ ପରେ ମଧ୍ୟ ପୋଲିସ ତଦନ୍ତ କରୁଛି । ଆଗେଇବାର ଚେଷ୍ଟା କରୁଛି । ତେଣୁ ପୋଲିସର ଆଖି ଘୁରିବୁଲୁଛି ତପସ୍ତି ଆଉ ବିନୟ ପଛରେ ।

ଇନସ୍‌ପେକ୍ଟର ବଡ଼ାଲଙ୍କ ଉପରେ ତଦନ୍ତଭାର ଅର୍ପଣ କରିଥିଲେ ଆସାମ ସରକାର । ତପସ୍ତି ତାଙ୍କୁ ଅଶ୍ରୁ ସଜଳ ଆଖିରେ ପ୍ରାର୍ଥନା ଭଙ୍ଗୀରେ କହିଥିଲା—ଯିଏ ମୋ ସ୍ୱାମୀଙ୍କୁ ହତ୍ୟା କରିଛି ତାକୁ ଖୋଜି ବାହାର କରନ୍ତୁ । ଦୋଷୀକୁ ଶାସ୍ତି ଦିଅନ୍ତୁ ।

ମି: ବଡ଼ାଲ କହିଥିଲେ—ସେ ସୁଯୋଗ ଆଉ ଆସିଲାନି ମିସେସ୍ ସାହାଣୀ ।

—କାହିଁକି ?

—ଆମର ଧାରଣା ମିଷ୍ଟର ସାହାଣୀ ନିଜର ରିଭଲଭର୍ ସାହାଯ୍ୟରେ ଆତ୍ମହତ୍ୟା କରିଛନ୍ତି ।

—ଆତ୍ମହତ୍ୟା କରିବାକୁ ଯିବେ କାହିଁକି ?

ଏଇ କାହିଁକିର ଉତ୍ତର କିନ୍ତୁ ପୋଲିସ ଦେଇ-ପାରିନି ।

ବୀରେନ୍ଦ୍ରଙ୍କ ରିଭଲଭର୍ ଖୋଜି ପାଇଛନ୍ତି ?

—ନା, ଗାଡ଼ି ସାଙ୍ଗରେ କୁଆଡ଼େ ଛୁଟିକି ପଡ଼ୁଛି ।

—ତା'ହେଲେ ?

—କେସ୍‌ର ଇତି ଏଇଠାରେ ।

ଅନ୍ଧାରରେ ଆଖି ରଖି ତପସ୍ୱି ଭାବିଲା, ପୋଲିସ୍ ଆଉ କାହିଁକି ତା'ହେଲେ ପଛରେ ଘୁରିବ ତାଙ୍କର ? ଯେଉଁ କେସ୍‌ର ସମାଧି ଘଟିଛି, ସେଇ କେସ୍‌ର ସମାଧି ଭାଙ୍ଗି ତାକୁ ନେଇ ଘାଣ୍ଟାଘାଣ୍ଟି କରିବାର ପ୍ରୟୋଜନ ବି ଆଉ ନାହିଁ ।

ପ୍ରାୟ ଏକବର୍ଷ ପୂର୍ବର ଘଟଣା ।

ମୃତ୍ୟୁ ଘଟିଲା ବୀରେନ୍ଦ୍ରର । ବିଧବା ହେଲା ତପସ୍ୱି । ତିନିବର୍ଷ ଯାବତ୍ ଯିଏ ସଂସାରକୁ ଲାଳନ ପାଳନ କରିଥିଲା, ଅପମୃତ୍ୟୁ ଘଟିଲା ତା'ର । ଏକବର୍ଷ ବୈଧବ୍ୟ ଯନ୍ତ୍ରଣା ଭୋଗକରିବା ପରେ ଦିନ ପନ୍ଦରଟା ଆଗରୁ ପୁନର୍ବାର ବିବାହ କରିଛି ତପସ୍ୱି । ତପସ୍ୱି ସାହାଣୀ ହେଲା ତପସ୍ୱି ପାଇନ୍ । ବିବାହ ପରେ କାନପୁରରୁ ବାହାରି ପଡ଼ିଛନ୍ତି ହନିମୁନ ଯାପନ ଉଦ୍ଦେଶ୍ୟରେ । ପାଞ୍ଚଦିନ ହେବ ଆସି ପହଞ୍ଚିଛନ୍ତି ଦାର୍ଜିଲିଂରେ ।

Deb's Library Corner...

ସନତ ପ୍ରଶ୍ନ କଲା—ଗୋଟାଏ କଥା ମିସେସ୍ ପାଇନ୍ ।

ଛପଣା ମୁହଁ ଟେକି କହିଲା—କଣ କହିବେ ?

—ହଁ, ମିନା ଜାଉଲ୍ କହୁଥିଲେ ସେ ଆପଣଙ୍କୁ ଚିହ୍ନନ୍ତି ।

—ମୋତେ ? କିନ୍ତୁ ମୁଁ ତ ତାଙ୍କୁ ଚିହ୍ନେନା ।

—ଆପଣଙ୍କର ଏଇଟା କ’ଣ ଦ୍ୱିତୀୟ ବିବାହ ?

—ମୁହଁ ତଳକୁ ପୋତିଲା ଛପଣା—ହଁ ।

—ପ୍ରଥମ ସ୍ୱାମୀ ଖୁନ୍ ହୋଇଛନ୍ତି ?

—ନା, ଖୁନ୍ ନୁହେଁ । ସେ ଆତ୍ମହତ୍ୟା କରି-ଥିଲେ ।

ସନତ କହିଲା—କାରଣଟା ଆପଣଙ୍କ ଜୀବନରେ ମିନସ୍ ପାଇନ୍ଙ୍କ ଉପସ୍ଥିତି, ନୁହେଁ ।

ଛପ୍ରଶ୍ରୀ ରାଗି ଉଠିଲା । କହିଲା—ମିସ୍ ଜାଉଲ୍ର ଅପପ୍ରଚାରରେ କାନ ଦେବେନି । ଆପଣ ମୋର ପ୍ରଥମ ସ୍ୱାମୀଙ୍କ ସମ୍ପର୍କରେ ଯଦି କିଛି ଜାଣିବାକୁ ଚାହାନ୍ତି ତା’ହେଲେ ପୋଲିସ ନିକଟକୁ ଗଲେ ଜାଣିପାରିବେ ।

ସନତ କହିଲା—ମୋର କୌଣସି କୌତୁହଳ ନାହିଁ । ଦୁଇଦିନର ପରିଚୟ ଡାର୍ଜିଲିଂରେ ହିଁ ଶେଷ ।

ରଫ୍ୟୁଜି ସ୍କୁଲରେ ଘଣ୍ଟା ବାଜିଲା । ରାତି ଆଠଟା ବାଜିବାର ସମୟ ସଙ୍କେତ । କପର ଶୀତ ଶୀତ ଲାଗୁଛି । ଚାଲିବାକୁ ଆରମ୍ଭ କଲା ବସନ୍ତ । ସନତ ଅନୁସରଣ କରିବାକୁ ଲାଗିଲା ତାକୁ । ଏକ ସମୟରେ ମାଳର ଖୋଲା ଜାଗାରେ ଆସି ଉପସ୍ଥିତ ହେଲା ସେ ।

—ବସନ୍ତ !

ବସନ୍ତ ଥମକି ଠିଆହେଲା । ବିନୟ ଆସି ଠିଆ-ହେଲା ସାମନାରେ । ପଚାରିଲା—ଏତେ ସମୟ କୁଆଡ଼େ ଥିଲ ?

ବସନ୍ତର ନିରାସକ୍ତ କଣ୍ଠ—ବୁଲୁଥିଲି ।

—ଓ ଅନେକ ସମୟ ଧରି ଖୋଜୁଛି ତୁମକୁ ।

ମୁହଁ ଫେରାଇ ଚାହିଁଲା ବସନ୍ତ । ପାଖରେ ସନତ ନାହିଁ । କୁଆଡ଼େ ଗଲା ଲୋକଟା ? ହାଓ୍ୱାରେ ମିଳାଇଗଲା ନା କ'ଣ ? ସେ ଯା'ହେଉ ବସନ୍ତ ଆଶ୍ୱସ୍ତ ହେଲା ।

ପଚାରିଲା—ତୁମେ ଜଲ ପାହାଡ଼କୁ ଯାଇନ ?

ବିନୟ ହସି ହସି ଉତ୍ତର ଦେଲା—ଯାଇଥିଲି ।

—ଶ୍ରୀମନ୍ତ ସାଙ୍ଗରେ ଦେଖା ହୋଇଛି ?

—ହଁ ।

ଅଧୈର୍ଯ୍ୟ ହୋଇ ବସନ୍ତ କହିଲା—କ'ଣ ହେଲା କୁହନା ।

—କଷ୍ଟ ହୋଇନ । ମୁଁ ସେମାନଙ୍କୁ କ୍ଷମା କରୁଛି ।

—ଧନଞ୍ଜୟ !

—ଶ୍ରୀମତୀ ଆଜ ସୁନ୍ଦରୀର ପୁଅଟି ଖୁବ୍ ସୁନ୍ଦର ହୋଇଛି । ମୁଁ ହାରିଗଲି ଉପଶ୍ରୀ ! ହାରିଗଲି ।

ସ୍ତବ୍ଧ ହେଲା ଉପଶ୍ରୀ । ଧନଞ୍ଜୟର କଠିନ ମୁହଁର ଉପରେ ମିଠା ହସ ଲାଗି ରହିଛି । କଠିନ ମନର ମଣିଷଟା ଏକ ଶିଶୁ ନିକଟରେ ହାରିଗଲା । ଧନଞ୍ଜୟର ଗୋଟାଏ ହାତ ଚୁପିଧରି ଉପଶ୍ରୀ ଶୁଖା କଣ୍ଠରେ କହିଲା—ଚାଲ, ଟିକେ କଫି ପିଇବା । ଗଳା ଶୁଖି ଆସିଲାଣି ।

ଦୁହେଁ ମ୍ୟାଲର ଫୁଆର ପାରହୋଇ ଛକଆଡ଼କୁ ଆଗେଇ ଗଲେ ।

ପାର୍କ, ରେଷ୍ଟୁରାଣ୍ଟ ସାମନାରେ ଶୀନା କାଉଲ୍‌କୁ ଦେଖିଲା ସେ । ଜଣେ ଭଦ୍ରଲୋକଙ୍କ ସାଥିରେ ବେଶ୍ ହସି ହସି କଥାବାର୍ତ୍ତା କରୁଛି । ଧନଞ୍ଜୟ ଆଡ଼େ ଚାହିଁ ହସି ହସି ହାତ ହଲାଇଲା ଶୀନା । ଧନଞ୍ଜୟ ମଧ୍ୟ । ଉପଶ୍ରୀ ବେଶ୍ ବିସ୍ମିତ ହେଲା ।

ପ୍ରଶ୍ନ କଲା—ତୁମେ ତାକୁ ଚିହ୍ନିଛ ?

ଧନଞ୍ଜୟ ଉତ୍ତର ଦେଲା—ଆଜ ସନ୍ଧ୍ୟାରେ ଆଳାପ ହୋଇଛି । ଭାରି ସୁନ୍ଦର ବ୍ୟବହାର ।

—ହୁଁ । କେଇଦିନ ହେଲା ମୋ ପଛରେ ଘୂରୁଛ ।

—ମାନେ ?

—ମୁଁ ଯାତ୍ରା ଦେଖିଛି, ସେଇଆଁ କହୁଛି ।

—ତୁମ ମନରୁ ଏପର୍ଯ୍ୟନ୍ତ ଭୟ ଯାଇନି ଦେଖୁଛି ।

—ତୁମର ?

ହ୍ଲାଙ୍ଗି ରେଷ୍ଟୁରାଣ୍ଟ ଭିତରେ ଦୁହେଁ ପ୍ରବେଶ କଲେ । ଗୋଟାଏ ଟେବୁଲ ସାମନାରେ ପାଖାପାଖି ବସିଲେ । କଫି ଅର୍ଡ଼ର ଦେଲା ଜନୟ । ରୂପଶ୍ରୀ ତା'ର ଶାଢ଼ୀର ପଣତ ବାରମ୍ବାର ଉଡ଼ାଇବାକୁ ଲାଗିଛି । ଅଙ୍ଗୁଳରେ ଏକ ମଧୁର ସ୍ୱର ବାଜୁଛି ରେଡ଼ିଓଗ୍ରାମରେ ।

ଏଇ ସମୟରେ କାନରେ ବାଜିଲା—ମେ ଆଇ ଆକ୍ଷମାନ ୟୁ ମିଃ ପାଇନ୍ ।

ରୂପଶ୍ରୀ ଆଖି ତୋଳି ଦେଖିବାକୁ ପାଇଲା ମାଳ-ବସନା ଶାନା ଜାଉଳ୍‌କୁ । ଜନୟ ହସି ହସି କହିଲା—ଅଫ୍ କୋର୍ସ ।

ଶାନା ସମ୍ଭବତ ଆଖି ମିଳାଇଲା ରୂପଶ୍ରୀର । ଜନୟ ପରିଚୟ କରାଇ ଦେଲା । ଶାନା କହିଲା—କେଇଦିନ ଧରି ଆପଣଙ୍କୁ ଦାର୍ଜିଲିଂରେ ଦେଖୁଛି ।

ଛପରୀ ମୁହଁ ତଳକୁ କରି କହିଲା—ମୁଁ ମଧ୍ୟ ଦେଖୁଛି ଯେ ଆପଣଙ୍କୁ । ବିନୟ କହିଲା—ସହରଠା ଏତେ ଶ୍ରେଷ୍ଠ ଯେ ଠିକ୍ ଦେଖା ହୋଇଯାଏ ।

ଇଚ୍ଛାଥିଲେ ପୁଣି ଅନେକଥର ଦେଖାହୁଏ ।

ଶୀନା ହସୁଛି ।

ବନ୍ଧୁ କଫି ଆଣି ରଖିଲା ଟେବୁଲ ଉପରେ । କପ୍‌ରେ କଫି ଢାଳିଲା ଛପରୀ । ପଚାରିଲା—ଦାର୍ଜିଲିଂକୁ କ'ଣ ପାଇଁ ଆସିଛନ୍ତି ମିସେସ୍ କାଉଲ ?

ଶୀନା ଉତ୍ତର ଦେବା ଆଗରୁ ବିନୟ କହିଲା—ତୁମେ ଖୁବ୍ ସାଧାରଣ ପ୍ରଶ୍ନ କଲ ଛପରୀ । ଦାର୍ଜିଲିଂକୁ ମନୁଷ୍ୟ ବୁଲିବାକୁ ଆସେ ।

ଛପରୀ କଠିନ ସ୍ୱରରେ କହିଲା—ଗୋଇନ୍ଦାଗିରି କରିବାକୁ ମଧ୍ୟ କେହି କେହି ଆସନ୍ତି ।

ଶୀନା କିନ୍ତୁ ରାଗିଲା ନାହିଁ । ମୃଦୁ କଣ୍ଠରେ ପଚାରିଲା—ମୋତେ ଦେଖିଲେ କ'ଣ ଗୋଇନ୍ଦା ଭଳି ମନେହୁଏ ?

—ଆପଣଙ୍କର ଚାଲିଚଳନ କିନ୍ତୁ ତାହାହିଁ କୁହେ ।

ଶୀନା ଏଥର ଶବ୍ଦ କରି ହସିଉଠି କହିଲା—ଆପଣଙ୍କର କ'ଣ ମନ ଭଲନାହିଁ ମିସେସ୍ ପାଇନ୍ ?

—ମନ ଭଲ ଅଛି ।

ହସ ହସ ମୁହଁରେ ଗୁହାଁରୁ ଖଗନା । ହଠାତ୍ ବନସ୍ତ ଉଠିପଡ଼ି ବାହାରକୁ ଗୁଳଗନ୍ଧ ସିଗାରେଟ୍ ଆଣିବାକୁ । ଚପଟୀ ହାତରେ ହାତ ରଖି ଖନା ଏଥର ଡାକିଲା— ଚପଟୀ ଅପା !

ଚମକି ଉଠି ମୁହଁ ଟେକିଲା ଚପଟୀ ।

—'ଅପା, ମୁଁ ବୁନା । ତୁମେ ମୋତେ ଚିହ୍ନି ପାରିଲନି ?

—ଚପଟୀ ହଡ଼୍ ହଡ଼୍ କରି ଉଠିଲା—ବୁନା !

—ହଁ ।

ଫରେଷ୍ଟ ଅଫିସର ରଣଧୀର କାଉଲଙ୍କ ଝିଅ । ପ୍ରାୟ ପାଞ୍ଚବର୍ଷ ତଳେ ଦେଖା ହୋଇଥିଲା ନୈନିତାଲରେ । ରଣଧୀର କାଉଲଙ୍କ ଅଧୀନରେ ପୋଷ୍ଟିଂ ହୋଇଥିଲା ବୀରେନ୍ଦ୍ର ସାହାଣୀର । ମାସ ଛଅଟା ପାଖାପାଖି ରହିବା ପରେ ଅନ୍ୟ ଜାଗାକୁ ଯାଇଥିଲା ବୀରେନ୍ଦ୍ର ।

ସ୍କୁଲର ଦରଜା ଖୋଲି ଚପଟୀ କହିଲା—ବୁନା ! ତୁମେ !

—ମୋତେ ଚିହ୍ନି ପାରିଛ ତା'ହେଲେ ?

—ହଁ ।

ବୀରେନ୍ଦ୍ର ବାବୁଙ୍କ ଆକ୍ସିଡେଣ୍ଟ ଖବର ଆମେ ପାଇଛୁ ।

ଅନେକ ଦିନ ପରେ ଛପତୀର ଇଚ୍ଛା ହେଲା ଆକୁଳ ହୋଇ କାନ୍ଦି ଉଠିବାକୁ । ନିଜ ଘର ହୋଇଥିଲେ ବୋଧହୁଏ ତାହାହିଁ କରି ବସିଥାଆନ୍ତା । କିନ୍ତୁ ଏଠାରେ ଏଇ ପରିବେଶରେ ପାରିଲାନି । କେବଳ ଶୂନ୍ୟ ଦୃଷ୍ଟିରେ ଚାହିଁରହିଲା ସେ ।

ସୀନା କହିଲା—ବୀରେନ୍ଦ୍ର ବାବୁଙ୍କୁ ଏତେ ସହଜରେ ତୁମେ କେମିତି ଭୁଲିଗଲ ଛପତୀ ଅପା ?

—ମିଃ ଚୌଧୁରୀ କହୁଥିଲେ ତୁମେ ସବୁ ଜାଣିଛ ?

—ଲୋକେ ଯାହା ଅନୁମାନ କରୁଥିଲେ ଶେଷ ପର୍ଯ୍ୟନ୍ତ ତାହାହିଁ ଘଟିଛି ।

—ବୀରେନ୍ଦ୍ରଙ୍କ ମୃତ୍ୟୁ ଘଟଣାରେ ମୋର କୌଣସି ହାତ ନ ଥିଲା ।

—କିନ୍ତୁ ଲୋକମାନେ ତ ସେକଥା ବିଶ୍ୱାସ କରନ୍ତୁନି । ତୁମେ ଆଉ ମିଃ ପାଇନ୍ ମିଳି...

—ମିଛକଥା । ସବୁ ମିଛ ।

—କିମ୍ବା ମିଃ ପାଇନ୍...

—ନା...ନା...

ଗୀନା କହିଲା—ବାବା ସବୁ ଶୁଣି କହିଥିଲେ, ବୀରେନ୍ଦ୍ର ଶେଷରେ ଖୁନ୍ ହେଲା ।

ଚିତ୍କାର କରି ଉଠିଲା ଭୂପତୀ—ମିଛ କଥା । ସେଇଟା ଗୋଟାଏ ଦୁର୍ଘଟଣା ବ୍ୟତୀତ ଆଉ କିଛି ନୁହେଁ । ପୋଲିସର ମଧ୍ୟ ତାହାହିଁ ଧାରଣା ।

ଗୀନା ହସିଲା । ଆଉ ଗୋଟାଏ କପ୍ କଫି ଟେବୁଲ୍‌ରୁ ଉଠାଇନେଲା ସେ । ଚୁମୁକ ଦେଇ କହିଲା—ଅନ୍ୟମାନଙ୍କର ସନ୍ଦେହ ଯଦି ମିଥ୍ୟା ହୁଏ, ତା'ହେଲେ ଏକବର୍ଷ ପରେ ପାଇଲଟ୍‌ଙ୍କୁ ବଧ କରିବାକୁ ଗଲ କାହିଁକି ? ତୁମ କାର୍ଯ୍ୟ ପ୍ରମାଣ କରେଇ ଦେଉଛି ଲୋକମାନଙ୍କର ସନ୍ଦେହ ମିଛ ନୁହେଁ ।

—ତୁମେ ମୋତେ ଭୁଲ ବୁଝିନା, ଗୀନା ।

—ବୀରେନ୍ଦ୍ର ବାବୁଙ୍କର ଅଭିଶାପ ଶାନ୍ତି ଦେବନି ତୁମକୁ ।

ଭୂପତୀ କ'ଣ କହିବାକୁ ଯାଇ ଥମିଗଲା । ଫେରି ଆସିଲା ବନପୁ । କହିଲା—ଏଥର ଆମେ ଫେରିଗଲେ ହୁଅନ୍ତା ।

ଗୀନା ଉଠି ଠିଆହେଲା । ଉଠିପଡ଼ିଲା ଭୂପତୀ ।

—ଚାଲନ୍ତୁ ମି: ପାଇଲଟ୍ !

ରିଷ୍ଟୱାଚ୍‌ରେ ଭୂପତୀ ସମୟ ଦେଖିଲା । ସାଢ଼େ ଆଠଟା । ବିଦାୟ ନେଇ ଗୀନା ଚାଲିଗଲା ନିଜ

ହୋଟେଲ ଉଦ୍ଦେଶ୍ୟରେ । ହୋଟେଲର ରାସ୍ତା ଧରିଲେ ବିନୟ ଓ ତପତୀ ।

କିଛିକ୍ଷଣ ନିଃଶବ୍ଦରେ ରାସ୍ତାରେ ଚାଲିଲେ ଦୁହେଁ । ବିନୟକୁ ଭୀଷଣ କ୍ଲାନ୍ତ ମନେ ହେଲା ତପତୀର ।

ବିନୟ ଡାକିଲା—ତପତୀ !

—କୁହ ।

—ସେଇ ଡ୍ରାଇଭରକୁ ଦାର୍ଜିଲିଂରେ ଦେଖିଛି ।

—କେଉଁ ଡ୍ରାଇଭରକୁ ?

—ରାମରତନକୁ ।

ତପତୀ ଥମକି ଠିଆହେଲା । ଅସ୍ଫୁଟ କଣ୍ଠରେ କହିଲା—ଲୋକଟା ଏଠି ଆତ୍ମଗୋପନ କରି ରହିଛି ?

—ସେଇଆ ତ ମନେ ହେଉଛି ।

ଚିନ୍ତିତ ହେଲା ତପତୀ । ପୁନର୍ବାର ରାସ୍ତା ଚାଲିବାକୁ ଆରମ୍ଭ କଲା । କିଛିକ୍ଷଣ ପରେ ପଚାରିଲା—ଏଠି କ'ଣ କରୁଛନ୍ତି ସେ ?

ବିନୟ ଉତ୍ତର ଦେଲା—ଜାଣେନା । ମୋତେ ଦେଖି ଗୋଟାଏ ଗଳି ଭିତରେ ପଶିଗଲା ।

—ତୁମେ ଅନୁସରଣ କଲନି ।

—ନା ।

ହୋଟେଲର ପାହାଚ ଡେଇଁ ଜନପ୍ତ ସାଙ୍ଗରେ ତପତୀ ଉଠିଆସିଲା ଉପରକୁ । ରୁମ୍ ଭିତରକୁ ଆସି ଶୋଇ ପଡ଼ିଲା ବିଛଣା ଉପରେ ।

ବେକରୁ ଏକ ଟାଣରେ ଟାଇ ଖୋଲି ପକାଇଲା ଜନପ୍ତ । ଡ୍ରେସିଂ ଅଇନା ଆଡ଼କୁ ଚାହିଁ ମୁହଁ ବଙ୍କାଇଲା ଦୁଷ୍ଟ ପିଲାଙ୍କ ଭଳି ।

ଆଖି ବୁଜିଲା ତପତୀ ।

ସନତର ମୁଖମଣ୍ଡଳ ଭାସିଉଠିଲା ତା'ର ମାନସ ଚକ୍ଷୁରେ । ଏକା ସାଙ୍ଗରେ ଫେରି ଆସିବା ପାଇଁ ଲୋକଟା ଯେ କୁଆଡ଼େ ହଜିଗଲା କିଛି ବୁଝିପାରିଲାନି । ଜନପ୍ତକୁ ଦେଖି ସେ ପଳାଇଗଲା । ଆତ୍ମଗୋପନ କଲା ଭିଡ଼ ଭିତରେ । ଜନପ୍ତର ସନ୍ଦେହ କ'ଣ ତା'ହେଲେ ସତ୍ୟ ?

ଡ୍ରେସିଂ ଗାଉନ୍ ପିନ୍ଧୁ ପିନ୍ଧୁ ଜନପ୍ତ କହିଲା— ଡିନର କ'ଣ ଘରେ ଦେଇଦିବାକୁ କହିବ ?

ତପତୀ କ୍ଲାନ୍ତ କଣ୍ଠରେ କହିଲା—ସେଇଆ କର । ମୁଁ ଖୁବ୍ କ୍ଲାନ୍ତ ।

—ବୁଲାବୁଲି ବେଶୀ କଲେ କ୍ଲାନ୍ତ ହେବାର କଥା ।

ଜନପ୍ତ ବାହାରିଗଲା ବାହାରକୁ ।

Deb's Library Corner...

ଏଥର ବିଛଣାରେ ଶୋଇ ଶୋଇ କେଉଁବର୍ଷ ତଳକୁ ନିଜର ମନ ଫେରାଇ ନେଲା ତପତୀ···

ଫରେଷ୍ଟ ଅଫିସର ବୀରେନ୍ଦ୍ର ସାହାଣୀଙ୍କ ପୋଷ୍ଟିଂ ସେତେବେଳେ ଆସାମର ଏକ ପାହାଡ଼ୀ ଜଙ୍ଗଲରେ । ଛୋଟ ଏକ ବଙ୍ଗଲୋରେ ତା'ଙ୍କ ସଂସାର । ସେଇଠି ଦୁଇଜଣ ମଣିଷ । ବୀରେନ୍ଦ୍ର ଆଉ ତା'ଙ୍କ ଯୁବତୀ ପତ୍ନୀ ତପତୀ । ଛୋଟ ଆଉ ସୁଖର ସଂସାର ।

ତପତୀ ଥିଲା ଫରେଷ୍ଟ ଅଫିସର ବୀରେନ୍ଦ୍ର ସାହାଣୀର ଅକୃତ୍ରିମ ପ୍ରେମ । ସାରାଦିନ ବଣ ଜଙ୍ଗଲରେ ଘୁରିବୁଲେ । ସାଙ୍ଗରେ ଗୋଟାଏ ଜିପ୍ । ଡବଲ୍ ବ୍ୟାରେଲ୍ ବନ୍ଧୁକ । ଆଉ ଗୋଟାଏ ପ୍ୟାକ୍ ମିଲ୍ । ସାରାଦିନ ପରେ ଅପରାହ୍ଣରେ ଫେରିଆସେ ବଙ୍ଗଲୋକୁ । ସେତେବେଳେ ସେ ଯେମିତି ଏକ ରଣକ୍ଲାନ୍ତ ସୈନିକ ।

ନିଜକୁ ଖୁବ୍ ନିଃସଙ୍ଗ ମନେହୁଏ ତପତୀର । ଛୋଟ ବଙ୍ଗଲୋରେ ଏକା ଏକା ରହିବା । ମଝିରେ ମଝିରେ ଅସହ୍ୟ ମନେହୁଏ ତା'ର । ଯେଉଁଆଡ଼େ ଆଖିପାଏ,

କେବଳ ବଣ ଜଙ୍ଗଲ । କାନ ପାତିଲେ ଶୁଣିହୁଏ ବନ୍ୟ ଜନ୍ତୁଙ୍କର ଡାକ । ନିଜକୁ ଗୋଟେଇ ଆଉ ଶିକେଇ ଭିତରେ ଡୁବାଇ ଦିଏ ରୂପବତୀ । ଅନ୍ତରଙ୍ଗ ବନ୍ଧୁକୁ ସ୍ୱାମୀକୁ ଆଉ ପାଖରେ ପାଏନା ସେ ।

ମଝିରେ ମଝିରେ ରୂପବତୀ ଖୁବ୍ ଗମ୍ଭୀର ହୋଇ-ଯାଏ । ମନେମନେ ବୀରେନ୍ଦ୍ର ଉପରେ ରାଗ ହୁଏ ତା'ର । ଏଇ ମଣିଷଟି ସାଙ୍ଗରେ ନିଜର ଜୀବନ ଜଡ଼ାଇ ସେ ଭୁଲ୍ କରିବସିଛି । ଅଣନିଃଶ୍ୱାସୀ ହୋଇଉଠେ ବିବ୍ରସ୍ତ ।

ବୁଝିପାରେ ବୀରେନ୍ଦ୍ର । ସେଇଥିଲାଗି ସେ ରୂପବତୀ ମୁଣ୍ଡରେ ହାତ ବୁଲାଇ କୁହେ—ତୁମ କଥା ଭାବିଲେ ମୋ ମନରେ କଷ୍ଟ ହୁଏ ରୂପା ।

ରୂପବତୀ ମ୍ଳାନ ହସ ହସି କୁହେ—ସତେ ନା କ'ଣ ?

—ହଁ ଏ । ଆଈମା କାହାଣୀର ରାକ୍ଷସପୁରୀର ସେଇ ରାଜକନ୍ୟା ତୁମେ ।

ସେଇ ରାଜକନ୍ୟାକୁ ଉଦ୍ଧାର କରିବାକୁ ଜଣେ ରାଜକୁମାର ଆସିଥିଲା । କିନ୍ତୁ ମୋତେ ଉଦ୍ଧାର କରିବାକୁ ଏଠାକୁ କେହି ଆସିବେନି ।

—ଆସିଥାନ୍ତେ ।

—ନା ।

ହେଲେ କଏ ଜାଣିଥିଲା, ଦିନେ ବିନୟ ପାଇନ୍ ସେଇ ରାଜକୁମାର ହୋଇ ଫରେଷ୍ଟ ବଙ୍ଗ୍ଳୋରେ ଆସି ଉପସ୍ଥିତ ହେବ । ଭଗବତୀର ଜୀବନର ମୋଡ଼ ଘୁରିଯିବ ତା'ର ଆକର୍ଷ ବଳେ ।

ଦିନେ ଜଙ୍ଗଲରୁ ବୀରେନ୍ଦ୍ର ଫେରିଲା ଅପରାହ୍ଣରେ । କିନ୍ତୁ ସେଦିନ ଏକା ନୁହେଁ । ସାଙ୍ଗରେ ଆଉ ଜଣେ ଅଚେତନ ଯୁବକ । ରକ୍ତାକ୍ତ ଦେହ । ଜିପ୍‌ରୁ ଓହ୍ଲାଇ କାନ୍ଧରେ ନେଇ ଯୁବକକୁ ବଙ୍ଗ୍ଳା ଭିତରକୁ ନେଇ ଆସିଲା ବୀରେନ୍ଦ୍ର । ଉପରେ ପଥର ପାଲଟି ଯାଇଥିଲା ଭଗବତୀ ।

ସେଦିନର ସେଇ ଯୁବକ ହିଁ ଆଜିର ବିନୟ ପାଇନ୍ । ବୟସ ଚବିଶି ପଚିଶି । ଦେହରେ ଛିଣ୍ଡା ଟ୍ରାଉଜର, ଆଉ ସାର୍ଟ । ଶରୀରର ସ୍ଥାନେ ସ୍ଥାନେ କ୍ଷତଚିହ୍ନ ଆଉ ଜାଟ୍ଟି ଜାଟ୍ଟି ଶୁଖିଲା ରକ୍ତଦାଗ ।

ଜଙ୍ଗଲରୁ ବଙ୍ଗ୍ଳୋକୁ ଫେରିବା ରାସ୍ତାରେ ବିନୟକୁ ଅଚେତନ ଅବସ୍ଥାରେ ରାସ୍ତା ଧାରରେ ପଡ଼ିଥିବାର ଦେଖିଥିଲା ବୀରେନ୍ଦ୍ର । [illegible] ତା'ର ଅଛନ୍ନ ଅବସ୍ଥା ବୀରେନ୍ଦ୍ର ବୁଝିପାରିଲା, ଏଭଳି ଭାବରେ ଜନବସତି ଶୂନ୍ୟ ଏକ ଜାଗାରେ ବିନୟ ପାଇନ୍

ଜୀବନରେ ଦୁର୍ଘଟଣା ଘଟିଲା । ସେ ଅନୁମାନ କରିଥିଲା ଝନସ୍ତୁ ହୁଏତ ପାହାଡ଼ ଦେହରୁ କୌଣସି ପ୍ରକାରେ ଗଡ଼ିପଡ଼ିଛି ତଳକୁ ।

ପ୍ରଥମେ ଭାବିଥିଲା ସେ ମୃତ । ସେଠାରୁ ପାଖ ପାହାଡ଼ର ଉଚ୍ଚତା ତିନିଶହ ଫୁଟରୁ କମ୍ ନୁହେଁ । କିନ୍ତୁ ଦୁର୍ଘଟଣାରେ ପତିତ ଝନସ୍ତୁ ପାଇନ୍ ପ୍ରକୃତରେ ମରିନାହିଁ । ଅଚେତନ ହୋଇ ପଡ଼ିଥିଲା ମାତ୍ର । କିଛି ବ୍ରାଣ୍ଡି ପିଇବା ପରେ ଆଖି ମେଲା କରିଥିଲା ! କିନ୍ତୁ ସେ ଆଖିରେ ନ ଥିଲା କୌଣସି ଭାଷା ।

ଅନେକ ଚେଷ୍ଟା କରି ମଧ୍ୟ ବୀରେନ୍ଦ୍ର କିଛି ଜାଣିବା ପାଇଁ ସକ୍ଷମ ହୋଇପାରିନି ଝନସ୍ତୁ ନିକଟରୁ । ଶେଷ ପର୍ଯ୍ୟନ୍ତ ତାକୁ ସାଙ୍ଗରେ କଢ଼ିଆଣିଥିଲା ନିଜ ବଂଗଲେକୁ ।

ତରୁଣୀ ପଚାରିଲା···ଏଇ କାହାକୁ ନେଇଆସିଲ ?

ବୀରେନ୍ଦ୍ର କହିଲା—ଭଲକରି ଜ୍ଞାନ ଫେରିଲେ ଜଣାଯିବ ।

—ଜାଣିନା କୌଟଦ୍ଧିଏ ଭଲ ହେବକି । ଘରକୁ ସ୍ୱାମେଲା ନ ଆଣିଥିଲେ ଭଲ ହୋଇଥାନ୍ତା । ହସପିଟାଲରେ ଛାଡ଼ି ଦେଲନି ।

—ଅରେ ଭୁଲିଥିଲି ସେକଥା; କିନ୍ତୁ···

—କାଲି ସକାଳେ ହସପିଟାଲରେ ଗୁଣ୍ଡିଦେଇ।

ବୀରେନ୍ଦ୍ର କୌଣସି କଥା କହିଲନି। ଛପତୀ ନିଜେ ହିଁ ସେଇ ରାତିରେ ସେବା କରିଥିଲି ବିନୟର। ପରଦିନ ଚେତନା ଫେରିଆସିଲା ତା'ର।

ଛପତୀ ଝୁଙ୍କି ପଡ଼ି ପ୍ରଶ୍ନ କଲା—କେମିତି ଲାଗୁଛି ?

ବିନୟ କ୍ଲାନ୍ତ ଦୃଷ୍ଟି ମେଲି ପରିବେଶ ଦେଖୁ ଦେଖୁ ପ୍ରଶ୍ନକରି ବସିଲା—ଭଲ। ମୁଁ ବର୍ତ୍ତମାନ କୋଉଠି ?

—ଫରେଷ୍ଟ ବଙ୍ଗଲୋରେ।

—ଟିକେ ପାଣି ପିଇବି।

ପାଟିରେ ଟିକେ ଟିକେ ଜଳ ଢାଳି ଦେଉଛି ଛପତୀ।

ସେଇ ଆଗନ୍ତୁକ ଆଜିର ବିନୟ ପାଇନ୍।

ଅନେକଦିନ ପର୍ଯ୍ୟନ୍ତ କେବଳ ନିଜର ନାମ ଛଡ଼ା ଆଉ କିଛି ମନେକରି ପାରିଲନି ବିନୟ। ମୁଣ୍ଡରେ ପ୍ରବଳ ଆଘାତ ଲାଗିବା ଫଳରେ ସ୍ମୃତିଶକ୍ତି ହରେଇ ବସିଛି। ସୁସ୍ଥ ହୋଇଉଠିବା ପରେ ପାହାଚ ପାହାଚ କରି ଫେରି ଆସିଲା ସ୍ମୃତିଶକ୍ତି। ଧୀରେ ଧୀରେ ଛପତୀ ମଧ୍ୟ ଜାଣିପାରିଲା ଅସଲ ଘଟଣା।

ଏକ ବିଦେଶୀ ମାଇନିଂ ଫାର୍ମରେ ଚାକିରି କରେ ବିନୟ । ସ୍କୁଲ ଅଫ୍ ମାଇନିଂରୁ ପାଶ୍ କରିଛି । ଏଇ ଫାର୍ମର ଏକ କାମ ହେଲା ଭାରତର ବିଭିନ୍ନ ଅଞ୍ଚଳରେ କୋଇଲା ଆଉ ଅଭ୍ରର ସନ୍ଧାନ କରି ବୁଲିବା । ଫାର୍ମର ଗୋଟାଏ ଦଳ ଆସିଛନ୍ତି ଉତ୍ତର ଅଞ୍ଚଳରେ କୋଇଲା ଆଉ ଅଭ୍ରର ସନ୍ଧାନରେ । ଆସାମର ବିଭିନ୍ନ ସ୍ଥାନରେ ଘୁରି ଘୁରି ଦଳଟି ବୀରେନ୍ଦ୍ରର ବଂଲୋଠାରୁ କେଇ ମାଇଲ ଦୂରରେ ଏକ ପାହାଡ଼ ଦେହରେ ତମ୍ବୁ ପକାଇଛନ୍ତି । ସେଇ ଦଳର ନେତା ବିନୟ ପାଇନ୍ ।

ବିନୟର ବନ୍ଧୁ ସୁନ୍ଦର ସିଂ ଥିଲା ତା' ସହକାରୀ । ଖୁବ୍ ବଡ଼ ଶିକାରୀ ଏଇ ଯୁବକଟି । ଶିକାରୀ ହିସାବରେ ଯଥେଷ୍ଟ ନାଁ ମଧ୍ୟ ଅଛି । ଅବସର ସମୟରେ ଦୁଇ ବନ୍ଧୁ ହୁଏତ ଗଳ୍ପ କରନ୍ତି । ନ ହେଲେ ଜଙ୍ଗଲରେ ଶିକାର କରି ସମୟ କଟାଇ ଦିଅନ୍ତି । ବିନୟର ଗଳ୍ପ ମଧ୍ୟରେ ଶ୍ରୀମତୀ ବିଚରଣ କରିବୁଲେ ସବୁଠାରୁ ବେଶୀ ସମୟ ।

ଦିନେ ସୁନ୍ଦର କହିଥିଲା—ତୁମକୁ ଦେଖିଲେ ହିଂସା ହୁଏ ବିନୟ ।

ବିନୟ ନ ବୁଝି ପଚାରିଲା—କାହିଁକି ?

—ତୁମେ ଶ୍ରୀମତୀ ଭଳି ଝିଅର ପ୍ରେମ ପାଇଛ, ସେଇଥିପାଇଁ ।

—ନ ଦେଖି ଶ୍ରୀମତୀର ଭକ୍ତ ହୋଇଗଲ କେମିତି ?

ସୁନ୍ଦର ହସି ହସି କହିଲା—ଦେଖିନି ବୋଲି କିଏ କହିଲା ? ତୁମର ଗଳ୍ପ ଶୁଣି ପ୍ରତି ରାତିରେ ଯେ ତାକୁ ସ୍ୱପ୍ନ ଦେଖିବାକୁ ଆରମ୍ଭ କରିଛି ।

ଏକଥା ଶୁଣି ଉଚ୍ଚ କଣ୍ଠରେ ହସି ଉଠିଥିଲା ଜନମ୍ସ ।

—ବାଃ !

ଭିତରେ ଭିତରେ ସୁନ୍ଦର ସିଂ କାମନା କରିବାକୁ ଆରମ୍ଭ କରିଥିଲା ଶ୍ରୀମତୀକୁ । ମନୁଷ୍ୟର ମନ କେଡ଼େ ବିଚିତ୍ର । ଯାହାକୁ ସୁନ୍ଦର କୌଣସି ଦିନ ଦେଖିନି । ତାକୁ ହିଁ ଭଲପାଇ ପାଗଳ ହୋଇଉଠିଛି ସେ । ଥରେ ଛୁଟିନେଇ କାନପୁରକୁ ଯାଇ ବିଦୁଷୀ ଶ୍ରୀମତୀକୁ ଦେଖେ ଏବଂ ଆଳାପ ମଧ୍ୟ କରିବାରେ ଅଦ୍ଭୁତ ବେଶୀ ମୁଗ୍‌ଧ ହେଲା ସେ । ଫେରିଆସି ଲୁଚି ଲୁଚି ଚିଠିପତ୍ର ଆଦାନ ପ୍ରଦାନ କରିବାକୁ ଆରମ୍ଭ କରିଥିଲା ସୁନ୍ଦର । ସେଇ ଚିଠିଗୁଡ଼ିକରେ ସ୍ପଷ୍ଟ ହୋଇଆସେ ଉପରେ ଏକ କ୍ଷୋଭ । ନିଜ ସଂସାରକୁ ତାକୁ ନେଇ ଆସିବାର୍ ବାସନା ।

ନଦୀର ଗୋଟାଏ କୂଳ ଭାଙ୍ଗେ, ଆଉ ଏକ କୂଳ ଗଢ଼େ । ଶ୍ରୀମତୀର ଭଲ ପାଇବାରେ ଭିନ୍ନ ଅନୁଭବ

କଲ ବସନ୍ତ । ଏବେ ଗ୍ରାମଣ୍ଡରୁ ଚିଠିପତ୍ର କମ୍ ଆସେ । କାରଣ ଅବଶ୍ୟ ସେ ଅନୁସନ୍ଧାନ କରିପାରନ୍ତି ।

ଦିନେ ଏମିତି ଏକ ମୁହୂର୍ତ୍ତରେ ସୁନ୍ଦର ସିଂ କହିଥିଲା—ଚାଲନା, ଆଜି ଶିକାର କରି ଆସିବା ।

ବ୍ରେକ୍‌ଫାଷ୍ଟ ଖାଇ ବନ୍ଧୁକ ହାତରେ ନେଇ ଦୁଇ ବନ୍ଧୁ ବାହାରି ପଡ଼ିଥିଲେ । ଚାଲୁ ଚାଲୁ ପାହାଡ଼ ଧାରରେ ଆସି ଠିଆହେଲେ ସେମାନେ । ସୂର୍ଯ୍ୟ ମୁଣ୍ଡ ଉପରେ । କ୍ଳାନ୍ତ ହୋଇ ଦୁହେଁ ଏକ ସମୟରେ ପାହାଡ଼ ଧାରରେ ବସିପଡ଼ିଲେ । ସମତଳ ଭୂମିଠାରୁ ପ୍ରାୟ ତିନିଶହ ଫୁଟ ଉଚ୍ଚରେ ।

ବସନ୍ତ ମୁହଁରୁ ଝାଳ ପୋଛି ପୋଛି କହିଲା—ଆଜି ଆଉ ଶିକାର ମିଳିବନି । ଖାଲି ହାତରେ ଫେରିବାକୁ ହେବ ।

ସୁନ୍ଦର ମୃଦୁ ହସ ଓଠରେ ଖେଳାଇ କହିଲା—ଆମେ ବରଂ ପରସ୍ପରର ଶିକାର ହେବା ଆସ ।

—ଡୁଏଲ ଲଢ଼ିବାକୁ ଚାହଁ ।

—ଚାହେଁ ?

—ହେଲେ ମୁଁ ତ ତୁମର କୌଣସି ଅପମାନର କାରଣ ହୋଇନି କମ୍ବା ତୁମ ପ୍ରେମିକାକୁ ନେଇ କୌଣସି ପ୍ରକାର···

ମନେକର ମୁଁ ତୁମ ପ୍ରେମିକା ଉପରେ ଭାଗ ବସାଇବାକୁ ଚାହେଁ...

ବନଯୁ ହସି ହସି କହିଲା—ଶ୍ରୀମନ୍ତ ସେମିତି ହିଁଅ ନୁହେଁ ଯେ ତୁମେ ଅଞ୍ଜଳି ପାତି ଠିଆହେଲେ ସେ ପ୍ରେମ ବିତରଣ କରି ଧନ୍ୟ ହେବ ।

—ପ୍ରେମିକା ଉପରେ ତୁମର ଏତେ ବିଶ୍ୱାସ ?

—ଏଇ ବିଶ୍ୱାସରେ ଯେ ମୁଁ ବଞ୍ଚିରହିଛି ।

ରହସ୍ୟମୟ ହସ ହସିଥିଲା ସୁନ୍ଦର । ସେଇ ହସର କୌଣସି ଅର୍ଥ ବନଯୁ ଅନୁଭବ କରିପାରିନ । ସେତେବେଳେ ମନ ତାର ଭାବୁଥିଲା ଶ୍ରୀମନ୍ତ କଥା । ତାର ମାନସପଟରେ ଭାସି ବୁଲୁଥିଲା ଶ୍ରୀମନ୍ତର ମୁଖମଣ୍ଡଳ ।

ସୁନ୍ଦର ସିଂ ଡାକିଲା—ବନଯୁ !

ବନଯୁ ଶୁଣିପାରିନି ତା'ର ଆହ୍ୱାନ । ସେଇଥିଲାଗି ଉତ୍ତର ଦେଇନ । ପୁନର୍ବାର ଡାକିଲା ସୁନ୍ଦର । ବନଯୁ କିନ୍ତୁ ନିରୁତ୍ତର । ହଠାତ୍ କ'ଣ ଯେ ଘଟିଗଲା ବନଯୁ ବୁଝିପାରିଲାନି । ତାଲୁ ପାହାଡ଼ ଦେଇ ସେ ତଳକୁ ଖସିବାକୁ ଆରମ୍ଭ କଲା । କେତେଦୂର ପର୍ଯ୍ୟନ୍ତ ଚେତନା ଥିଲା ତା'ର । ତା'ପରେ ସେ ଆଉ କିଛି ଜାଣେନା । ଯେତେବେଳେ ଚେତନା ଫେରିଲା ବନଯୁର, ସେ ଦେଖିବାକୁ ପାଇଲା ତପସ୍ତିର ଉଦ୍‌ବେଗଭରା ମୁହଁ ।

ପ୍ରାୟ ମାସେଖଣ୍ଡେ ଲଗିଲ ବିନୟଙ୍କୁ ସୁସ୍ଥ ହେବାକୁ । ସ୍ମୃତିଶକ୍ତି ଯେତେ ଫେରିଆସିଲା, ସେତେ ଅସ୍ଥିର ହୋଇଉଠିଲେ ସେ । ଦିନେ ବୀରେନ୍ଦ୍ର କହିଲ—କାଲି ସକାଳେ ବିନୟଙ୍କୁ ପଠାଇଦେବା ବୋଲି ସ୍ଥିର କରିଛୁ ।

ଉପଶିର ପ୍ରଶ୍ନ—ଶ୍ୟାମ ଏଠାରେ ଅଛୁ !

—ନା ନାହିଁ । ଶିଲଂରେ ସେମାନଙ୍କର ହେଡ଼୍ ଅଫିସ ଅଛି । ସେଠିକି ପଠାଇଦେବା ।

—ଆଉ କେଇଦିନ ରହିଲେ ହୁଅନ୍ତାନି ?

—ନା, ପରର ଦାୟିତ୍ୱ ଆଉ ନିଜ କାନ୍ଧରେ ରଖିବା ଉଚିତ ନୁହେଁ ।

—ମି: ପାଇନ୍ କ’ଣ କହୁଛନ୍ତି ?

—କିଛି ନୁହେଁ । କେମିତି ଗମ୍ଭୀର ହୋଇ ବୁଲୁଛନ୍ତି ।

ପରଦିନ ସକାଳେ ବିନୟ ପାଇନ୍‌ଙ୍କୁ ଶିଲଂରେ ପହଞ୍ଚାଇ ଦେବା କଥା ଠିକ୍ ହୋଇଥିଲା । କିନ୍ତୁ ଭୋରରେ ଉଠି ଦେଖାଗଲା ବିନୟ ତାଁ ଘରେ ନାହିଁ । ସେ ଚାଲିଯାଇଛି । ଆଉ ଫେରିଆସିଲାନି ।

ହେଡ଼୍ ଅଫିସକୁ ଫେରିଯାଇଥିଲା ବିନୟ । ସେଇଠି ଜାଣିଲା ଫାର୍ମ ତାକୁ ଫିଙ୍ଗିଦେଇଛି ନିଖୋଜ

ଭାଲିକାରେ । ଆଜି ଯାହାକୁ ଜୀବନରେ ବେଶୀ ଭଲ ପାଉଥିଲା, ତା'ର ବିବାହ ହୋଇସାରିଛି ସୁନ୍ଦର ସିଂ ସାଙ୍ଗରେ । ବିବାହ ପରେ ସୁନ୍ଦର ସିଂ ବଦଳି ହୋଇ ଚାଲିଯାଇଛି ଅନ୍ୟ ଜାଗାକୁ । ଶେଷ ପର୍ଯ୍ୟନ୍ତ ପାଗଳ ଭଳି ହୋଇଗଲା ବିନୟ । ଚାକିରି ଛାଡ଼ିଦେଇ ସହରେ ହିଁ ନିଖୋଜ ହେଲା ଏଥର ।

ବିନୟ ଚାଲିଯିବା ପରେ ତପସ୍ୱୀର ମନେହୁଏ ସେ ଯେମିତି ଖୁବ୍ ନିଃସଙ୍ଗ ହୋଇପଡ଼ିଛି । ବୀରେନ୍ଦ୍ର ତା'ର ନିଜ ଜଗତ ନେଇ ସଦାସର୍ବଦା ବ୍ୟସ୍ତ । କିନ୍ତୁ ସେ ଯେଉଁ ଜଗତ ନେଇ ବ୍ୟସ୍ତ ଥିଲା' ଗୋଟାଏ ମାସ ତା' ଆଉ ନାହିଁ । ମାସେଖଣ୍ଡେ ବିନୟର ଆଉ କୌଣସି ଖବର ନାହିଁ । ସେ ନିଜେ ମଧ୍ୟ କୌଣସି ଚିଠିପତ୍ର ଦେଉନି ।

ତପସ୍ୱୀର ମନ ମଝିରେ ମଝିରେ ରାଗିଉଠେ ବିନୟ ଉପରେ । ଏଇ କ'ଣ ଉପକାରର ପ୍ରତିଦାନ ? ଉପକାରୀର ସ୍ମୃତି ମନ ଭିତରୁ ପୋଛି ପକାଇବା କ'ଣ ଏତେ ସହଜ ? ନାନା ପ୍ରକାରର ଚିନ୍ତା ଘୁରି-ବୁଲେ ତପସ୍ୱୀର ଶୂନ୍ୟ ମନରେ । କିନ୍ତୁ ସେତେବେଳେ ଯଦି ଜାଣିଥାଆନ୍ତା ବିନୟର କେତେ ବଡ଼ କ୍ଷତି ହୋଇଯାଇଛି, ତା'ହେଲେ ଏଇ ଅଭିମାନ ବିନୟ ଉପରେ ସେ ନିଶ୍ଚୟ କରିପାରିଥାନ୍ତା ।

ଦିନେ ତପସ୍ୱୀ ତା'ର ସ୍ୱାମୀ ବୀରେନ୍ଦ୍ରକୁ କହିଥିଲ—ମିଃ ପାଇନ୍‌ଙ୍କ ସମ୍ପର୍କରେ ଟିକେ ଖୋଜ ଖବର ନେବା ଉଚିତ ଥିଲ ।

—ନେଇଛି ।

—କେମିତି ଅଛନ୍ତି ?

—ଜାଣେନା । ମିଃ ପାଇନ୍ ଚାକିରି ଛାଡ଼ିଦେଇ କୁଆଡ଼େ ଚାଲିଯାଇଛନ୍ତି ।

—କାହିଁକି ?

—କାହାକୁ କିଛି କହିଯାଇ ନାହାନ୍ତି ।

ଶୁଣି ଗମ୍ଭୀର ହୋଇଯାଇଥିଲ ତପସ୍ୱୀ ।

ଆହୁରି ପ୍ରାୟ ଏକମାସ ପରେ ହଠାତ୍ ଆସି ଉପସ୍ଥିତ ହେଲ ତନୟ । ସେତେବେଳେ ବୀରେନ୍ଦ୍ର ବଂଲେରେ ନାହିଁ । ଅଫିସ କାର୍ଯ୍ୟରେ ଯାଇଛି ଡେରାଡୁନ । ପ୍ରାୟ ମାସେ ଖଣ୍ଡେର ଟୁର୍ । ଅବଶ୍ୟ ତପସ୍ୱୀ ନିକଟରେ ବୀରେନ୍ଦ୍ରର ଏଇ ଟୁର୍ ନୂଆ ନୁହେଁ । ସ୍ୱାମୀର ହୋଇ ତପସ୍ୱୀ ନିଜେ ଅଭ୍ୟର୍ଥନା କରିଥିଲ ଅତିଥିଙ୍କୁ । ନିଃସଙ୍ଗ ତପସ୍ୱୀ ତନୟକୁ ପାଖରେ ପାଇ ଉଚ୍ଛୃଙ୍ଖଳ ହୋଇଉଠିଲ । ସକାଳୁ ସନ୍ଧ୍ୟା କଟିଲ ବ୍ୟସ୍ତତା ମଧ୍ୟରେ । ତନୟକୁ ସାଙ୍ଗରେ ନେଇ କେତେବେଳେ ପାହାଡ଼ୀ ନଦୀ ପାଖକୁ, କେତେବେଳେ

ଜଙ୍ଗଲରେ ଘୁରିବୁଲେ ଆଉ କେବେ ବା ଶିକାରକୁ ଯାଏ ବନ୍ଧୁକ ନେଇ ।

ଦିନେ ଚମ୍ପଣି ପ୍ରଶ୍ନ କରିଥିଲା—ହଠାତ୍ ଚାକିରି ଛାଡ଼ିଦେଲେ କାହିଁକି ?

ତନୟ କହିଲା—ବ୍ୟବସାୟ କରିବ । ଅଜାଙ୍କ ସମ୍ପତ୍ତି ପାଇଛି । ସେଇ ସମ୍ପତ୍ତିର ମୂଲ୍ୟ ପ୍ରାୟ ଦୁଇଲକ୍ଷ ହେବ ।

ତା'ପରେ ତନୟ ଜଣାଇଥିଲା—ଶ୍ରୀମଣି କଥା । ସୁନ୍ଦର ସିଂ କଥା କହିବାକୁ ଭୁଲିନାହିଁ । ଭାଗ୍ୟ ନିକଟରେ ହାରିମାନି ମଧ୍ୟ ନିଜକୁ ପରାଜିତ ବୋଲି ଭାବିବାକୁ ନାରାଜ ଥିଲା ତନୟ । ଅର୍ଥ ଜୋରରେ ନିଜର ଭାଗ୍ୟ ଫେରାଇ ଆଣିବାର ସଙ୍କଳ୍ପ ସେ କରିଛି । ଆଜି ତା' ସହିତ ଶପଥ କରିଛି, ସୁନ୍ଦର ସିଂ ଏବଂ ଶ୍ରୀମଣିର ଦେଖାପାଇଲେ ସେମାନଙ୍କ ସଂସାରକୁ ପରିଣତ କରିବ ଜତୁ ଗୃହରେ ।

ଜଙ୍ଗଲ ପଥ ଦେଇ ଦିନେ ଆଗେଇ ଚାଲିଥିଲେ ଦୁଇଜଣ । ତନୟକୁ ଦେଖି ମନେହେଉଥିଲା ସେ ଯେମିତି ଖୁବ୍ ଗମ୍ଭୀର ଆଉ ଅନ୍ୟମନସ୍କ । ନିଃଶବ୍ଦରେ ତାକୁ ଦେଖିଛି ଚମ୍ପଣି । ହଠାତ୍ ସେ ପ୍ରଶ୍ନ କଲା—ଆପଣ କ'ଣ ଭାବୁଛନ୍ତି ମିଃ ପାଇନ୍ ?

ତନୟ ନନ୍ଦର ମନ ଲୁଚାଇବାକୁ ଚେଷ୍ଟାକରି ଉତ୍ତର ଦେଲା—କାଇଁ; ନାଁ ତ ।

କିନ୍ତୁ ଭାବୁଥିଲା ତନୟ । ସେ ଭାବନାର କଥା ସେତେବେଳେ ଜାଣିପାରିନ ତପସ୍ୱୀ । ସେ କ'ଣ ଜାଣିଥିଲା ଯେ ସେ ମଣିଷଟିର ମନ ଗୋଟିଏ ନାରୀକୁ ହରାଇ ପୁନର୍ବାର ସ୍ଥାନ ପାଇବାକୁ ଖୁଜୁଁଛି ଆଉ ଏକ ନାରୀର ମନରେ । ସେଇ ନାରୀ ତପସ୍ୱୀ ସାହାଣୀ ।

କେଉଁଦିନର ଘୁମାଇ ପଡ଼ିଥିବା ତନୟର ମନ ଦିନେ ରାତିରେ ଏକ ଅସତର୍କ ମୁହୂର୍ତ୍ତରେ ଘଟିଗଲା ଏକ ଅପ୍ରତ୍ୟାଶିତ ଘଟଣା । ଅପ୍ରତ୍ୟାଶିତ ଘଟଣା ବୋଲି କାହିଁକି ଭାବୁଛି ତପସ୍ୱୀ, ସେଇ ଘଟଣାଟି କ'ଣ ବହୁ ଅପ୍ରତ୍ୟାଶିତ ନ ଥିଲା ? ଉଦାସୀ ମନ ତା'ର କ'ଣ ସେମିତି କିଛି କାମନା କରୁ ନଥିଲା ? ନହେଲେ ସେଦିନ ତୁମର ଦରଜା ଖୋଲି ଢୁକିବାକୁ ଗଲା କାହିଁକି ତପସ୍ୱୀ ?

ତପସ୍ୱୀ ଅନ୍ଧକାରରେ ମୁହଁ ଲୁଚାଇ କହୁଥିଲା— ଏ କ'ଣ କରିବସିଲେ ?

ତନୟ ଉତ୍ତର ଦେଇଥିଲା ସେଦିନ—ତୁମ ପ୍ରତି ମୋର କୌଣସି ଅଧିକାର ନାହିଁ, ତପସ୍ୱୀ ?

—ମୁଁ ଯେ ପର ସ୍ତ୍ରୀ ।

—କିନ୍ତୁ ମୁଁ ତ ତୁମକୁ ଭଲପାଏ ।

—ବୀରେନ୍ଦ୍ରଙ୍କୁ ମୁଁ ଠକିବି କେମିତି ?

—ବୀରେନ୍ଦ୍ର ନିମନ୍ତେ ତୁମେ ନୁହଁ ତପସ୍ୱୀ ।

—ବିନୟ !

ବୀରେନ୍ଦ୍ର ତାକୁ ଭଲପାଏ ଏକଥା ଠିକ୍ । ହେଲେ ତପସ୍ୱୀର ଦେହ ପ୍ରତି ଉଦାସୀନ ଥିଲା ସେ । ତେଣୁ ବିବାହ ପରଠାରୁ ମନର କ୍ଷୁଧା ମେଣ୍ଟିଲେ ମଧ୍ୟ ତା'ର ଦେହର କ୍ଷୁଧା ବୀରେନ୍ଦ୍ର କୌଣସି ଦିନ ମେଣ୍ଟାଇ ପାରିନାହିଁ । ସେଇ କ୍ଷୁଧା ମେଣ୍ଟାଉଛି ବିନୟ । ପ୍ରତି ରାତିରେ ନିର୍ଜନ ଫରେଷ୍ଟ ବଙ୍ଗଳୋରେ ବିନୟ ଏବଂ ତପସ୍ୱୀ ଯେଉଁ ଅବୈଧ ଉତ୍ସବରେ ମାତି ଉଠିଥିଲେ ତା'ର ସାକ୍ଷୀ ବୋଧହୁଏ ଭଗବାନଙ୍କ ବ୍ୟତୀତ ଆଉ କେହି ନ ଥିଲେ । କିନ୍ତୁ ପାପର ଗୁମ୍ଫା ଯେ ପାର୍ଶ୍ୱରୁ ପାର୍ଶ୍ୱତର ହୁଏ ତାହା ବୋଧହୁଏ ବିନୟ ଆଉ ତପସ୍ୱୀ ଜାଣି ନ ଥିଲେ ।

ଦିନେ ବୀରେନ୍ଦ୍ରର ଚିଠି ଆସି ପହଞ୍ଚିଲା । ବୀରେନ୍ଦ୍ର ଫେରୁଛି । ବଦଳି ହୋଇଛି ଅନ୍ୟ ଜାଗାକୁ । ସୁତରାଂ ଏ ସ୍ଥାନରେ ମାୟା ଶେଷ । ସୁ-ଖବର । ବିନୟକୁ ଚିଠି ପଢ଼ାଇ ଶୁଣାଇଥିଲା ତପସ୍ୱୀ । ବିନୟ କିନ୍ତୁ ଗମ୍ଭୀର ହୋଇଗଲା । କେବଳ କହିଲା—ଭଲ ।

ତପସ୍ୱୀ ଉଚ୍ଛ୍ୱସିତ ହୋଇ କହିଲା—ଜାଣେନି, ଟିକେ ଖୁସି ଲାଗୁଛି ମୋତେ ।

ଧନଞ୍ଜୟ ଆଖିତୋଳି ଚାହିଁଲା ତପସ୍ୱୀ ଆଡ଼କୁ । ସେ ଦୃଷ୍ଟିର, ଭାଷା ପଢ଼ିପାରିନି ସତ, ହେଲେ ଭୟ ପାଇଥିଲା ତପସ୍ୱୀ । ପ୍ରଶ୍ନ କଲା—କ'ଣ ଦେଖୁଛନ୍ତି ?

— ତୁମକୁ ।

—ମୋତେ !

—ତୁମେ କ'ଣ ଏମିତି ବଣ ଜଙ୍ଗଲରେ ଶେଷ ହୋଇଯିବ ତପସ୍ୱୀ ?

—ଆପଣଙ୍କ କଥା ମୁଁ ବୁଝିପାରୁନି ।

—ତୁମେ ବାଟଭୁଲା ଜୀବନରେ ସ୍ୱପ୍ନମାନ । ତୁମପରି ସଜୀବ ଫୁଲକୁ ମୁଁ ଜଙ୍ଗଲରେ ଶୁଖିଯିବାକୁ ଦେବିନି ।

—ତା'ହେଲେ କ'ଣ ସ୍ୱାମୀଙ୍କୁ ଠକିବି ?

ଧନଞ୍ଜୟ କହିଥିଲା—ତୁମକୁ ମୁଁ ନୂତନ ଜୀବନ ଦେବି । ଦେବି ଗାଡ଼ି, ଘର ଅର୍ଥ । ସ୍ୱପ୍ନ ଦେଖ ତପସ୍ୱୀ ।

—ଆପଣ ମୋତେ ଦୁର୍ବଳ କରିଦେବାକୁ ଚାହୁଁଛନ୍ତି ।

ଆବେଗରେ ବିନୟ ତପସ୍ୱିର ଗୋଟାଏ ହାତ ଚିପିଧରିଲା । ଗତ ଏକମାସଧରି ତପସ୍ୱିର ଦେହ-ମନକୁ ଜଡ଼ାଇ ରଖିଛି ସେ । ତପସ୍ୱିର ମନ ଫାଙ୍କୁ ହୋଇପଡ଼ିଛି । ବିଭ୍ରାନ୍ତ ହୋଇଛି । ତଥାପି ନିଜର ସତ୍ତାକୁ ହରେଇପାରୁନି ତପସ୍ୱି ।

ସେଇ ଚିରମଦନ ଆସି ଉପସ୍ଥିତ ହେଲା ଅବଶେଷରେ । ବୀରେନ୍ଦ୍ର ଫେରିଆସିବାର ଦିନ । ଡ୍ରାଇଭର ରାମରତନକୁ ଡକାଇ ପଠାଇଲା ତପସ୍ୱି । ଯଥା ସମୟରେ ଡ୍ରାଇଭର ରାମରତନ ଆସି ସଲାମ କରି ଠିଆହେଲା ସାମନାରେ ।

ତପସ୍ୱି କହିଲା—ଆଜି ସାହେବ ଆସୁଛନ୍ତି ରାମରତନ ।

ରାମରତନ କହିଲା—ଜାଣେ । ପାଞ୍ଚଟା ଗାଡ଼ିରେ ଆସିବେ ।

—ତୁମେ ଚାରିଟାବେଳେ ଗାଡ଼ିନେଇ ଷ୍ଟେସନ ଯିବ ।

—ଆପଣ ଯିବେ ?

—ନା, ମୋର ଅନେକ କାମ ଅଛି ।

ବଙ୍ଗଳାରୁ ଷ୍ଟେସନ ମାତ୍ର ପାଞ୍ଚ ମାଇଲ ରାସ୍ତା । ପାହାଡ଼ କାଟି ସରୁ ରାସ୍ତା ତିଆରି କରାହୋଇଛି ଷ୍ଟେସନ ପର୍ଯ୍ୟନ୍ତ ।

ରାମରତନ ଚାଲିଗଲା ।

ଅପରାହ୍ନ ଚାରିଟାବେଳେ ଧନଞ୍ଜୟ ହଠାତ୍ କହିଲା—ମୁଁ ଟିକିଏ ଜଙ୍ଗଲକୁ ଯିବି ।

ତପସ୍ୱୀ ପ୍ରଶ୍ନ କଲା—ହଠାତ୍ ?

—ଫେରିଯିବା ଆଗରୁ ଥରେ ଶିକାର କରି-ଆସେ ।

ଆଶଙ୍କାରେ ପୂର୍ଣ୍ଣ ହେଲା ତପସ୍ୱୀର ମନ । କହିଲା—ଆଜି ଥାଉ ।

—ତୁମେ କୌଣସି ଆଶଙ୍କା କରୁଛ ନା କ'ଣ ?

—ନା, ତା' ନୁହେଁ ।

—ଭୟ ନାହିଁ । ତୁମ ସ୍ୱାମୀର କୌଣସି କ୍ଷତି କରିବନି ।

ଧନଞ୍ଜୟ ଜଙ୍ଗଲକୁ ଚାଲିଯାଇଥିଲା, ତା'ପରେ ପ୍ରାୟ ଏକଘଣ୍ଟା ପରେ ଗାଡ଼ିନେଇ ଷ୍ଟେସନକୁ ଯାତ୍ରାକଲା ରାମରତନ । ଅଶାନ୍ତ ମନ ନେଇ ତପସ୍ୱୀ ରାସ୍ତାରେ ଘୁରିବୁଲିଛି ସନ୍ଧ୍ୟା ପର୍ଯ୍ୟନ୍ତ । ଶେଷ ପର୍ଯ୍ୟନ୍ତ ବଂଗଳାରେ ବସି ପ୍ରତୀକ୍ଷା କରିଛି ଫେରିଆସିବା ଲାଗି । ହେଲେ ସନ୍ଧ୍ୟା ପାରହୋଇ ରାତି ଆସିବା ପରେ ମଧ୍ୟ କୌଣସି କିଏ ଆସି ପହଞ୍ଚିଲା ନାହିଁ ବଂଗଳେ ସାମନାରେ । ନାନା

ପ୍ରକାର ଆଶଙ୍କା ତପସ୍ୱୀ ମନରେ ଗୁଞ୍ଜନ କରିବାକୁ ଆରମ୍ଭ କରିଛି ।

ଅବଶେଷରେ ରାତି ନଅଟା ସମୟରେ ବନ୍ଧୁଙ୍କ ହାତରେ ନେଇ ଶାନ୍ତ ଏବଂ ଗମ୍ଭୀର ଭାବେ ବସନ୍ତ ଫେରିଆସିଲ ।

ପଚାରିଲ—ମି: ସାହାଣୀ ଆସିନାହାନ୍ତି ?

—ନା ।

—ରାମରତନ ଫେରିଛି ?

—ନା, ସେ ମଧ୍ୟ ଫେରିନି ।

—ତା'ହେଲେ ଦେଖିବାକୁ ହେବ ।

—ଏତେ ରାତିରେ କୁଆଡ଼େ ଦେଖିବେ ?

—ରାସ୍ତାରେ ଯଦି କୌଣସି ଆକ୍ସିଡେଣ୍ଟ ଘଟିଥାଏ ?

ତପସ୍ୱୀ ଅସ୍ଫୁଟ କଣ୍ଠରେ କହିଲ—ଆକ୍ସିଡେଣ୍ଟ !

ବସନ୍ତ ଥମକି ଯାଇ ତପସ୍ୱୀ ଆଡ଼କୁ ନିସ୍ପଲକ ନେତ୍ରରେ ଚାହିଁଲ କିଛି ସମୟ । ତା'ପରେ କହିଲ—ଅନ୍ତତଃ ରାମରତନ ଫେରି ଆସିବା ଉଚିତ ଥିଲ ।

ସେଇ ରାତି ଅନେକ ଉତ୍କଣ୍ଠା ଆଉ ଚିନ୍ତା ମଧ୍ୟରେ ଅତିବାହିତ ହୋଇଥିଲା ଉଭୟଙ୍କର । ପରଦିନ ଭୋର ବେଳା ଜଣେ ଗାଉଁଲି ଲୋକ ଆସି ଖବର ଦେଇ-

ଗଲା—ସାହେବଙ୍କ ଗାଡ଼ି ରାସ୍ତା ପାଖରେ ପାହାଡ଼ ତଳେ ପଡ଼ିଛି ।

ଖବର ଶୁଣି ପଥର ହୋଇ ଯାଇଥିଲା ତପସ୍ୱିନୀ । ଚିତ୍କାର କରି କାନ୍ଦଉଠିବା ହୁଏତ ଉଚିତ ଥିଲା । କିନ୍ତୁ କାନ୍ଦି ପାରିନି ।

ବନସ୍ତ୍ର ସାନ୍ତ୍ୱନା ସ୍ୱରରେ କହିଥିଲା—ତୁମେ ଅମଙ୍ଗଳ ଆଶଙ୍କା କାହିଁକି କରୁଛ ତପସ୍ୱିନୀ ? ହୁଏତ ସମରଜିତ ଯିବାବେଳେ ଗାଡ଼ି ଆକ୍ସିଡେଣ୍ଟ ଘଟିଛି ।

ତପସ୍ୱିନୀ ମୁଣ୍ଡ ହଲାଇ କହିଲା—ତା' ହେବ କେମିତି ? ଦିନବେଳା ଗାଡ଼ି ଆକ୍ସିଡେଣ୍ଟ ହେଲେ କ'ଣ କାହାର ଆଖିରେ ପଡ଼ି ନ ଥାଆନ୍ତା ?

ତପସ୍ୱିନୀ କଥାରେ ଯୁକ୍ତି ଥିଲା । ସେଥିପାଇଁ ଚୁପ୍ ହୋଇଗଲା ବନସ୍ତ୍ର । ବନସ୍ତ୍ରଙ୍କୁ ସାଙ୍ଗରେ ନେଇ ତପସ୍ୱିନୀ ଛୁଟି ଯାଇଥିଲା ଘଟଣା ସ୍ଥଳକୁ ।

ପାହାଡ଼ି ରାସ୍ତା ତଳ ଦେଇ ଗୋଟାଏ ଝରଣା ବହି ଯାଇଛି ତଳକୁ । ସେଇ ଝରଣା ଉପରେ ଗୋଟାଏ କାଠ ପୋଲ । ପୋଲର କିଛି ଆଗରେ ରାସ୍ତା ଉପରକୁ ଏଠେଇଛି ରୁ ନେଇ ଗାଡ଼ି ପ୍ରାୟ ହଜାର ଫୁଟ୍ ତଳକୁ ଖସି ପଡ଼ିଛି । ଡ୍ରାଇଭର ସମରଜିତର

Deb's Library Corner...

ଦେହ ଜୀବନ୍ତ ବା ମୃତ ଅବସ୍ଥାରେ କେଉଁଠାରେ ଦେଖାଗଲାନି ।

ପ୍ରଥମେ ପୋଲିସ ମନେ କରିଥିଲା, ତା'ର ମୃତଦେହ ବୋଧହୁଏ ଦୂରରେ ଗଛ, ବୁଦା ଭିତରକୁ ଛିଟ୍କି ପଡ଼ି ଦୃଷ୍ଟି ବାହାରକୁ ଚାଲି ଯାଇଛି । କିନ୍ତୁ ତନ୍ନ ତନ୍ନ କରି ଖୋଜିବା ପରେ ମଧ୍ୟ ଗ୍ରାମରତନର ମୃତଦେହ କାହାରି ଦୃଷ୍ଟିରେ ପଡ଼ିଲାନି ।

କେବଳ ମିଳିଥିଲା ରକ୍ତାକ୍ତ ଏବଂ ବିକୃତ ଏକ ମୃତଦେହ । ସେଇଟି ବୀରେନ୍ଦ୍ର ସାହାଣୀର ।

ପୋଷ୍ଟମର୍ଟମ ରିପୋର୍ଟ ମିଳିବା ପରେ ତପସ୍ୱୀ ଅବାକ ହୋଇଥିଲା । ବିନୟ ମଧ୍ୟ କମ୍ ଅବାକ ହୋଇନି । ପୋଲିସ ସେଇ ରିପୋର୍ଟ ପାଇବା ସଙ୍ଗେ ସଙ୍ଗେ ତତ୍ପର ହୋଇ ଉଠିଛି ।

ଇନସ୍‌ପେକ୍ଟର ନାନା ଭାବେ ପ୍ରଶ୍ନ କରିବାକୁ ଆରମ୍ଭ କରିଥିଲେ । ପୋଷ୍ଟମର୍ଟମ ରିପୋର୍ଟରୁ ଜଣାଯାଇଛି, ପ୍ରଥମେ ଖୁନ୍ କରାହୋଇଛି ବୀରେନ୍ଦ୍ରକୁ ୩୨ କାଲିବର୍‌ର ଗୋଟାଏ ରିଭଲଭର୍ ସାହାଯ୍ୟରେ । ତା'ପରେ ଗାଡ଼ି ସହିତ ତାକୁ ଫିଙ୍ଗି ଦିଆହୋଇଛି ତଳକୁ ।

ଏମିତି କାମ କିଏ କରିପାରେ, ସେକଥା ତପସ୍ୱିନୀ ଭାବି ପାରିନି । ପୋଲିସର ନଜର ପଡ଼ିଥିଲା ଜଣକ ଉପରେ । ସେ ଡ୍ରାଇଭର ରାମରତନ ।

ପୋଲିସ ଇନ୍ସପେକ୍ଟର ପ୍ରଶ୍ନ କରିଥିଲେ—ମି: ସାହାଣୀର କୌଣସି ଶତ୍ରୁ ଥିଲେ ବୋଲି ଆପଣଙ୍କର ମନେ ହେଉଛି ?

ତପସ୍ୱିନୀ ଅଶ୍ରୁ ସିକ୍ତ କଣ୍ଠରେ କହିଲା—ମୁଁ ଜାଣିନି ।

—ଦେଖନ୍ତୁ, ମି: ସାହାଣୀଙ୍କ ହତ୍ୟାକାରୀ ତାଙ୍କର ଖୁବ ପରିଚିତ କେହି ହୋଇଥିବ । କହିବା ଆଗରୁ ଆତତାୟୀକୁ ଦେଖି ତାଙ୍କ ମନରେ କୁତୁହଳ ବିସ୍ମୟ ଜାଗି ଉଠିଥିଲା । ସେସବୁ ପ୍ରାଣ ହରାଇବା ପରେ ମଧ୍ୟ ସ୍ପଷ୍ଟ ହୋଇ ରହିଥିଲା ମୁହଁ ଉପରେ ।

ତପସ୍ୱିନୀ ନିଃଶବ୍ଦରେ କାନ୍ଦିଲା । କୌଣସି କଥା କହି ପାରିଲାନି ।

ମିସେସ୍ ସାହାଣୀ, ଆପଣ କ'ଣ କାହାକୁ ସନ୍ଦେହ କରନ୍ତି ?

ତପସ୍ୱିନୀ ଆଖି ପୋଛି କହିଲା—କରେ । ଡ୍ରାଇଭର ରାମରତନ ବୋଧହୁଏ ।

ଡ୍ରାଇଭର ରାମରତନକୁ ସନ୍ଦେହ କରିବା ଅବଶ୍ୟ ଅମୂଳକ ନୁହେଁ । ଯେଉଁ ଲୋକଟି ଗାଡ଼ି ନେଇ ଯାଇଥିଲା ଷ୍ଟେସନକୁ, ସେ ଯେମିତି ପବନରେ ମିଳେଇ

ଗଲ । ପୋଲିସ ମଧ୍ୟ ରାମରତନର କୌଣସି ଖୋଜ ଖବର ପାଇନି ।

ଇନସ୍‌ପେକ୍ଟର ବର୍ତ୍ତାଲ କହିଥିଲେ—ପୋଲିସ ରାମରତନର ଅନୁସନ୍ଧାନ କରୁଛି । ପାଇଲେ ହୁଏତ କୌଣସି ସୂତ୍ର ମିଳି ପାରିବ । ଉଗୋଟାଏ କଥା, ମିସେସ୍ ସାହାଣୀ !

—କୁହନ୍ତୁ ।

—ମିଷ୍ଟର ପାଇନ୍‌ଙ୍କ ସାଙ୍ଗରେ ଆପଣମାନଙ୍କର ସମ୍ପର୍କ ?

—ଆମର ବନ୍ଧୁ ।

—ଆପଣଙ୍କ ବନ୍ଧୁ, କେଉଁ ସୂତ୍ରରେ ?

କିଛିକ୍ଷଣ ଚୁପ୍ ରହିଲା ଚମ୍ପା । ତା'ପରେ ବିନମ୍ର ସବୁ କଥା କହିଲା ଇନସ୍‌ପେକ୍ଟରଙ୍କୁ । ମନ ଦେଇ ବିନମ୍ର ପାଇନ୍-ପର୍ବ ଶୁଣି ଇନସ୍‌ପେକ୍ଟର ବର୍ତ୍ତାଲଙ୍କ ମୁହଁରେ ଵିଚିତ୍ର ଭାବ ଫୁଟି ଉଠିଲା । ବୋଧହୁଏ ପ୍ରେମର ତ୍ରିକୋଣ କ୍ଷେତ୍ର ଆବିଷ୍କାର କରିଛନ୍ତି ସେ ।

ଇନସ୍‌ପେକ୍ଟର ରହସ୍ୟମୟ କଣ୍ଠରେ କହିଲେ—ମି: ସାହାଣୀଙ୍କୁ ଦୂରେଇ ଦେବା ଘଟଣାରେ ମିଃ ପାଇନଙ୍କର କୌଣସି ହାତ ନାହିଁତ ?

ତପସ୍ୱି ଅସ୍ଫୁଟ କଣ୍ଠରେ କହି ଉଠିଲା – କ’ଣ କହୁଛନ୍ତି ଆପଣ ?

—ଭୁଲ ଯାଉଛନ୍ତି କାହିଁକି ମିସେସ୍ ସାହାଣୀ ଯେ ମି: ପାଇନ୍ ଶିକାର କରିବା ଉଦ୍ଦେଶ୍ୟରେ ଅପରାହ୍ଣ ତିନଟାରେ ବଙ୍ଗଲୋ ଛାଡ଼ି ବାହାରକୁ ଯାଇଥିଲେ ।

—କିନ୍ତୁ ଆପଣଙ୍କ କହିଲେ ମି: ସାହାଣୀଙ୍କର ମୃତ୍ୟୁ ରିଭଲଭର୍ ଗୁଳିରେ ଘଟିଛି ।

—ହଁ ଏତ ୩୨ କାଲିବର୍‌ର ରିଭଲଭର୍ ମି: ପାଇନଙ୍କର ଥିଲା ।

—୩୨ କାଲିବର୍‌ର ଗୋଟାଏ ରିଭଲଭର୍ ମି: ସାହାଣୀଙ୍କର ମଧ୍ୟ ଥିଲା ।

-- ତାଙ୍କ ସାଙ୍ଗରେ ଥିଲା ?

—ହଁ, ଟୁର୍‌ରେ ଯିବା ସମୟରେ ମୁଁ ତାଙ୍କ ବ୍ୟାଗ୍‌ରେ ରଖିଦେଇଥିଲି ।

—କିନ୍ତୁ ଦୁର୍ଘଟଣାସ୍ଥଳରୁ ମିଳିଥିବା ସୁଟ୍‌କେଶ ଆଉ ଆଟାଚି ଭିତରେ ସେଇ ରିଭଲଭର୍ ନାହିଁ ।

—ଓ, ଆପଣ କ’ଣ କହିବାକୁ ଚାହାନ୍ତି ଆତତାୟୀ ମି: ସାହାଣୀଙ୍କର ରିଭଲଭର୍ ହସ୍ତଗତ କରି ତାଙ୍କୁ ଶେଷ କରିଛି ?

—ଆମର ତାହାହିଁ ଧାରଣା ।

—କିନ୍ତୁ ଏ କାମ କିଏ କରିପାରେ ?

ଆପଣ, ତନୟ ବାବୁ କିମ୍ବା ଡ୍ରାଇଭର ରାମରତନ ।

ମି: ବଡ଼ାଲ !

ଇନ୍‌ସ୍‌ପେକ୍ଟର ବଡ଼ାଲ ହସିଥିଲେ । କିନ୍ତୁ ସମସ୍ତ ପର୍ଯ୍ୟନ୍ତ କେହି କିଛି କହି ନାହାନ୍ତି । କୋଠରୀ ଭିତରେ ନାମି ଆସିଛି ନିସ୍ତବ୍ଧତା ।

ତପଶ୍ରୀ ଝରକା ଦେଇ ଚାହିଁ ରହିଛି ଦୂର ଆକାଶ ଆଡ଼କୁ । ଏକ ସମୟରେ ଇନ୍‌ସ୍‌ପେକ୍ଟର ବଡ଼ାଲ କହିଲେ—ଖୁନ୍ ଦିନ କେଉଁଠି ଥିଲେ ମିସେସ୍ ସାହାଣୀ ?

—ମୁଁ ?

—ହଁ, ଆପଣ । କୋଉଠି ଥିଲେ ?

—ଏଇ ବଂଗଳାରେ ।

—କିନ୍ତୁ ଆପଣଙ୍କର ଚାକର କହିଛି ଆପଣ ବଂଗଳା ଛାଡ଼ି ଦୁଏଟା କୁଆଡ଼େ ଯାଇଥିଲେ ।

ତପଶ୍ରୀ କହିଲା—ରାସ୍ତାରେ ବୁଲୁଥିଲି । ମନ ଭଲ ନ ଥିଲା ।

—କାହିଁକି ?

—କାହିଁକି ଜାଣେନା, ଖୁବ୍ ଖରାପ ଲାଗୁଥିଲା ।

—ଫେରିଥିଲେ ସନ୍ଧ୍ୟା ପରେ ?

—ହଁ ।

—ଅନ୍ଧକାରରେ ଆପଣ ଏକା...

—ମୋ ମନରେ ଭୟ ଖୁବ୍ କମ୍ ।

—ପୋଷ୍ଟମର୍ଟମ ରିପୋର୍ଟରୁ ଜଣାପଡ଼ୁଛି, ଖୁଣ୍ ହୋଇଛି ପାଞ୍ଚଟାରୁ ସାତଟା ଭିତରେ ।

—ଆପଣ କହିବାକୁ ଚାହାନ୍ତି ମୁଁ ସ୍ୱାମୀଙ୍କୁ ଖୁଣ୍ କରିଛି ?

ଇନସ୍‌ପେକ୍ଟରଙ୍କ ଆଖି ଦୁଇଟି ହସି ଉଠିଲା ଯେମିତି । ହେଲେ ସେ କିଛି କହିଲେନି ।

ବିନୟଙ୍କୁ ନାନାଭାବେ ପ୍ରଶ୍ନ କରିଥିଲେ ଇନସ୍-ପେକ୍ଟର । ତାଙ୍କ ସନ୍ଦେହ କେଉଁଠାରେ ସେକଥା ବୁଝିବା ନିମନ୍ତେ ବିନୟର କୌଣସି ଅସୁବିଧା ହୋଇନି ।

ବିନୟ ହସି ହସି କହିଥିଲା—ଆପଣଙ୍କର କ'ଣ ଧାରଣା, କୌଣସି ନାରୀର ସଂସ୍ପର୍ଶରେ ଆସିଲେ ତାକୁ ଜୀବନରେ ପାଇବା ଲାଗି ସଚେଷ୍ଟ ହେବାକୁ ହେବ ?

—ଏଠିକାର ସ୍ଥାନୀୟ ଲୋକେ କିନ୍ତୁ ସେଇକଥା କହୁଛନ୍ତି ।

—ସେମାନେ କହିଲେ ଯେ କଥଟା ସତ୍ୟ ହୋଇପିବ, ଏଇ ଧାରଣା ଆପଣଙ୍କର ହେଲା କେମିତି ?

—ଆଂଶିକ ସତ୍ୟ ବି ହୋଇପାରେ ।

ବନସ୍ତ ବିରକ୍ତ କଣ୍ଠରେ କହିଲା—ମୋ ପଛରେ ସମୟ ନଷ୍ଟ ନ କରି ବରଂ ଡ୍ରାଇଭର ରାମରତନକୁ ଖୋଜି ବାହାର କରନ୍ତୁ । ଅସଲ ରହସ୍ୟର ସମାଧାନ ସେ କରିପାରିବ ।

ସେ ଯା'ହେଉ ମାସ କେଇଟା ପରେ ବୀରେନ୍ଦ୍ର ମୃତ୍ୟୁ ରହସ୍ୟ ଚପା ପଡ଼ିଗଲା । ଉପଯୁକ୍ତ ପ୍ରମାଣ ଅଭାବରୁ ପୋଲିସ ଶେଷ ପର୍ଯ୍ୟନ୍ତ ଧରିନେଲା, ହୁଏତ ବୀରେନ୍ଦ୍ର ସାହାଣୀ ଆତ୍ମହତ୍ୟା କରିଛି କିମ୍ବା ଏଇଟା ଅପ୍ରତ୍ୟାଶିତ ଦୁର୍ଘଟଣା ।

ଦିନେ ବନସ୍ତ ପଚାରିଲା—କୁଆଡ଼େ ଯିବ ଏଥର ?

ତପତୀ ଚିନ୍ତାକୁଳ ମନରେ କହିଲା—ଭାବୁଛି ।

—କ'ଣ ଭାବୁଛ ?

—ତୁମେ ମତେ କୋଉଠି ହେଲେ ଗୋଟାଏ ଚାକିରି ଯୋଗାଡ଼ କରି ଦେଇ ପାରିବ ?

—କି ଚାକିରି କରିବାକୁ ଚାହୁଁଛ ?

—ଜଣେ ଗ୍ରାଜୁଏଟ୍ ଝିଅ ଯେଉଁ ଚାକିରି କରି ପାରିବ ।

—ମୋ ଫାର୍ମରେ କରିବ ?

—କରିବି ।

ଶେଷ ପର୍ଯ୍ୟନ୍ତ ବିନୟ ସାଙ୍ଗରେ କାନପୁର ଯାଇଥିଲା ତପତୀ ।

ବିନୟ ସତରେ ହିଁ ଚାକିରି ଦେଇଥିଲା ତାକୁ । ଡାଇରେକ୍ଟରଙ୍କ ପି: ଏ: ର ଚାକିରି । ଦରମା ମନ୍ଦ ନୁହେଁ । କିନ୍ତୁ ତାକୁ ବେଶୀଦିନ ଚାକିରି କରିବାକୁ ଦେଇନ ବିନୟ । ବୀରେନ୍ଦ୍ରର ମୃତ୍ୟୁର ଏକ ବର୍ଷ ପରେ, ଏଇ ପନ୍ଦର ଦିନ ତଳେ ତପତୀ ସାଙ୍ଗରେ ବିନୟର ବିବାହ ହୋଇଥିଲା । ତପତୀ ସାହାଣୀ ହେଲା ତପତୀ ପାଇନ୍ ।

ଦୀର୍ଘଶ୍ୱାସ ପକାଇଲା ତପତୀ ।

ବିନୟକୁ ବିବାହ କରିବା ଛଡ଼ା ଆଉ କୌଣସି ରାସ୍ତା ଖୋଲା ନ ଥିଲା ତା' ସାମନାରେ ।

ଚମ୍ପଟି ଜୀବନରେ କ'ଣ ନବପଥର ପ୍ରଶ୍ନ ଉଠି ପାରେନା ? ସେ କ'ଣ ନିଜର ଭଲଲାଗି ଆଉ ଗୋଟାଏ ବିବାହ କରି ପାରିବନି ?

ଚମ୍ପଟି ଜୀବନର ସ୍ମୃତି ଚର୍ବଣ କରି ଯେଉଁମାନେ ବଞ୍ଚି ରହିବାକୁ ଚାହାନ୍ତି, ଚମ୍ପଟି ସେମାନଙ୍କ ଦଳରେ ନୁହେଁ । ଯେଉଁ ଜୀବନ ଭୋଗ କରିବା ଆଗରୁ ଶେଷ ହୋଇଯାଏ, ସେଇ ଜୀବନ ଆଡ଼କୁ ଫେରି ଚାହିଁ ଦୀର୍ଘଶ୍ୱାସ ପକାଇବାକୁ ରାଜି ନୁହେଁ ଚମ୍ପଟି ।

ଚମ୍ପଟି ମନେ ମନେ ଭାବିଲା, ସେ ଯାହା କରୁଛି ଭଲ ହିଁ କରୁଛି । ତା'ର କାର୍ଯ୍ୟ ଲାଗି ସେ କାହାକୁ କୈଫିୟତ ଦେବନି ।

ବିନୟ ଫେରି ଆସିଲା ।

ଚମ୍ପଟି ଯେମିତି ଶୋଇଥିଲା, ସେମିତି ଶୋଇ ରହିଲା ।

ଈଜି ଚେୟାର ଉପରେ ଆଉଜି ବସିଲା ବିନୟ । ତାକୁ ବେଶ୍ ଶ୍ରାନ୍ତ ମନେହେଉଛି । ଖଣ୍ଡିଏ ସିଗାରେଟ୍ ବାହାର କରି ସେ ନିଆଁ ଧରାଇଲା ।

ଚମ୍ପଟି ଥରେ ଚାହିଁଲା ତା' ଆଡ଼କୁ । କିଛି କହିବା ଲାଗି ଚେଷ୍ଟାକଲା । ମାତ୍ର ଅଟକିଗଲା । କେବଳ ପଚାରିଲା ଡିନର ପାଇଁ କହିଛ ?

ବନସ୍ତ କହିଲ—କହୁଛି, ଟିକେ ଡେରି ହେବ ।

ପ୍ରାୟ ନଅଟା ବାଜିଲଣି । ଏବେ ବି ଡେରି ହେବ । ତପସ୍ୱି ବିରସ ହେଲା । କିନ୍ତୁ କିଛି କହିଲନି ।

—ତପସ୍ୱି !

—କ'ଣ ହେଲା ?

—ରାମରତନଙ୍କୁ ଏଇ ହୋଟେଲରେ ଦେଖିଲି ।

ତପସ୍ୱି ବିସ୍ମିତ କଣ୍ଠରେ କହିଲା—ସତ କହୁଛ ?

—ହଁ, ମୋ ଆଖି ଭୁଲ୍ କରିନି ।

—ଏଠି କାହାର ଗାଡ଼ି ଚଳାଉଛି ନା କ'ଣ ?

—ଡ୍ରାଇଭର ଡ୍ରେସ ଦେହରେ ଅଛି ।

ଏଥର ଉଠି ବସିଲା ତପସ୍ୱି । ଗୋଟାଏ ଚେୟାର ଟାଣିନେଇ ଆସି ବସିଲା ବନସ୍ତ ପାଖରେ । ଧୀର କଣ୍ଠରେ ପ୍ରଶ୍ନ କଲା—

—ବର୍ତ୍ତମାନ କ'ଣ କରିବ ?

—ସେଇକଥା ହିଁ ଭାବୁଛି ।

—ପୋଲିସ୍‌ରେ ଖବର ଦେଲେ କେମିତି ହୁଅନ୍ତା ?

—ବନସ୍ତ କହିଲା—ଖବର ଦେଇ ଲାଭ କ'ଣ ?

—ବୀରେନ୍ଦ୍ରଙ୍କ ହତ୍ୟାକାରୀକୁ ଆମେ ଛାଡ଼ି ଦେବା କାହିଁକି ?

—ପୁଣି ନୂଆ କରି ଝାମେଲା କରି କ'ଣ ହେବ, ଚପଳା ?

—ଝାମେଲାରେ ପଡ଼ିବାକୁ ମୁଁ ଚାହେଁନା, ତେବେ ରାମରତନ ସହିତ ମୁଁ ଦେଖା କରିବି ।

ଚପଳା ଯେମିତି ଭୟରେ ଶିହରି ଉଠିଲା । କହିଲା—ନା...ନା...!

—ମୁଁ କେବଳ ଜାଣିବାକୁ ଚାହେଁ, ବୀରେନ୍ଦ୍ରଙ୍କୁ ସେ ଖୁନ୍ କଲା କାହିଁକି ?

—ନା, ତା' ସାଥିରେ ତୁମେ ଦେଖା କରିବନି ।

—ଦେଖା କଲେ ଦୋଷ କ'ଣ ?

ଚପଳା ଅସ୍ଥିର ହୋଇ ଉଠିଲା—ନା, ତା' ସାଙ୍ଗରେ ଆମେ କେବେ ହେଲେ ଦେଖା କରିବୁନି । ଚାଲ, କାଲି ସକାଳେ ଆମେ ଏଠାରୁ ଚାଲିଯିବା ।

ବିନୟ ରହସ୍ୟପୂର୍ଣ୍ଣ ହସ ହସି କହିଲା—ତୁମେ କ'ଣ ରାମରତନକୁ ଭୟ କରୁଛ ଚପଳା ?

—ଭୟ ? କାହିଁ ନାଁ'ତ ।

—ତା'ହେଲେ ପଳାଇବାକୁ ଚାହୁଁଛ କାହିଁକି ?

ଚପଳା ଆଜି କୌଣସି ଉତ୍ତର ଦେଲା ନାହିଁ ।

ବିନୟ ଚୁପ୍ କରି ରହିଲା । ଅଙ୍ଗୁଳି ଫାଙ୍କରେ ଥିବା ସିଗାରେଟ୍ ପୋଡ଼ିବାକୁ ଲାଗିଛି ଅଳ୍ପ ଅଳ୍ପ କରି ।

ହୋଟେଲ ବୟ ଆସି ଡିନର ସଜାଇ ଦେଇ ଚାଲିଗଲା ।

ପୋଡ଼ା ସିଗାରେଟ୍ ଆସଟ୍ରେରେ ଗୁଞ୍ଜି ଦେଇ ଉଠି ଠିଆ ହେଲା ବିନୟ । କହିଲା—ଆସ, ଖାଇନେବା । ସତ କହେଇ ଆଜି ଲଞ୍ଚ ନାହିଁ ।

ଅନିଚ୍ଛାସତ୍ତ୍ୱେ ବି, ଖାଇ ବସିଲା ରୂପଶ୍ରୀ । ଖାଇବାର କୌଣସି ଉତ୍ସାହ ପରିଲକ୍ଷିତ ହେଲା ନାହିଁ ।

ଖାଉ ଖାଉ ବିନୟ କହିଲା—ସୌରେନ୍ଦ୍ରଙ୍କ ପ୍ରସଙ୍ଗ ଉଠିଲେ ତୁମେ ଏମିତି ଗମ୍ଭୀର ହୋଇଯାଅ କାହିଁକି ? ତୁମେ କ'ଣ ତାଙ୍କ ମୃତ୍ୟୁ ପାଇଁ ନିଜକୁ ଅପରାଧୀ ବୋଲି ଭାବୁଛ ?

ରୂପଶ୍ରୀ କହିଲା—ନା; କିନ୍ତୁ ତାଙ୍କ ପ୍ରସଙ୍ଗ ଉଠିଲେ ମୁଁ ମନରେ ଶାନ୍ତି ପାଏନା ।

—କାହିଁକି ?

—ମଝିରେ ମଝିରେ ମନେହୁଏ ସୌରେନ୍ଦ୍ରଙ୍କର ଆତ୍ମା ନିଃଶବ୍ଦରେ ମୋତେ ଅନୁସରଣ କରୁଛି ।

—ଦୁର୍ବଳ ମନର ଚିନ୍ତା । ମନକୁ ଶକ୍ତ କର ।

—ଚେଷ୍ଟା କରୁଛି; କିନ୍ତୁ ପାରୁଛି ଆଉ କୋଉଠି ?

—ପାରିବାକୁ ହେବ ।

ବିନୟ ଟେବୁଲ ପାଖରୁ ଉଠିପଡ଼ିଲା । ହାତ ମୁହଁ ଧୋଇଦେଲା । ଟେବୁଲ୍ ସାମନାରେ ବସିରହିଲା ଚୁପଚାପ ।

ବିନୟ କହିଲା—ମୁଁ ଭେରର ନମ୍ବର ତୁମକୁ ଯାଉଛି । ଫେରୁ ଫେରୁ ଡେରି ହେବ ।

—ଏତେ ରାତିରେ ତୁମେ ସେଠିକି ଯିବ କାହିଁକି ?

—ତୁମକୁ ତ ଆଗରୁ କହିଛି ।

—ମିଃ ଆଉ ମିସେସ୍ ରୁଦ୍ର ନବ ଦମ୍ପତି । ସେମାନଙ୍କୁ ଉତ୍ସବ କରନା ।

—କିନ୍ତୁ ନ ଗଲେ ମିସେସ ରୁଦ୍ର ମେ ଅସନ୍ତୁଷ୍ଟ ହେବେ ।

—ଆଉ ଗୋଟାଏ ସଂସାର ତୁମେ ଭାଙ୍ଗ, ସେଇଟା ମୁଁ ଚାହେଁନା ।

ବିନୟ ଆଉ ଠିଆ ହେଲା ନାହିଁ । ଘରର ଦରଜା ବନ୍ଦ କରି ଦେଇ ବାହାରିଗଲା ।

ଅନେକ ସମୟ ପର୍ଯ୍ୟନ୍ତ ଚୁପ୍‌ଚାପ ବସି ରହିଲ ତପସ୍ୱୀ ।

ତନୟ ରାତି ବାରଟା ଆଗରୁ ଫେରିବନି । ଫେରିବ ମଦପିଇ । କୌଣସି ପ୍ରକାରେ ଶଯ୍ୟାରେ ଆସି ଆଶ୍ରୟ ନେବ । ପରଦିନ ଭୋରୁ ନ ଉଠି ଉଠିବ ଅନେକ ବେଳରେ ।

ହାତ ମୁହଁ ତପସ୍ୱୀ ଧୋଇନେଲା । ଆସି ବସିଲା ଡ୍ରେସିଂ ଟେବୁଲ ସାମନାରେ । ନିଜର ପ୍ରତିବିମ୍ବ ଦେଖିଲା । ଦେହ ଉପରର କଦର୍ଯ୍ୟ ଆଉ ଅନ୍ତରର ଜ୍ୱାଳା ନେଇ ବଞ୍ଚି ରହିଛି ସେ । କିନ୍ତୁ ଏଇ ମୁହୂର୍ତ୍ତରେ ତା'ର ମନେହେଲା ଆଉ ବଞ୍ଚିବାକୁ ଚାହେଁନା । ବଞ୍ଚି ଆଉ ଲଭ ନାହିଁ ।

ଜୀବନରେ ମଝିରେ ମଝିରେ ଏପରି ଏକ ଝଡ଼ର ପ୍ରଚଣ୍ଡତା ଆସେ ଯେ ସବୁକିଛି ଅସ୍ତବ୍ୟସ୍ତ କରିଦେଇ ଯାଏ । ସେହି ବିଶୃଙ୍ଖଳା ବାକି ଜୀବନରେ ଶତଚେଷ୍ଟା କରି ମଧ୍ୟ ଠିକ୍ କରାଯାଏନା । ତପସ୍ୱୀ ମଧ୍ୟ ପାରିଲାନି ତା'ର ମନର ବିଶୃଙ୍ଖଳା ଠିକ୍ କରିବାକୁ ।

କେଶ ଝାଡ଼ି ଦେଇ ଉଠି ଠିଆହେଲା ସେ ।

ଠିକ୍ ଏଇ ସମୟରେ ଘରେ ପ୍ରବେଶ କଲା ଏପରି

ଜଣେ ଲୋକ ଯାହାକୁ ଦେଖିବାର ଆଶା ଚପଳାର ଆଦୌ ନ ଥିଲା ।

—ମେମ୍ ସାହେବ !

ଚପଳା ଘୁରି ଚାହିଁଲା ।

—କିଏ ?

—ମେମ୍ ସାବ, ମୁଁ ରାମରତନ ।

—ରାମରତନ !

ରାମରତନ କହିଲା—ଗତ କେଇଦିନ ଧରି ଆପଣଙ୍କ ସାଥିରେ ଦେଖା କରିବାର ସୁଯୋଗ ଖୋଜି ବୁଲୁଛି ।

—କାହିଁକି ?

—ଆପଣଙ୍କୁ ଅନେକ କଥା କହିବାର ଅଛି ।

—କ'ଣ କହିବାକୁ ଚାହଁ ତୁମେ ?

ରାମରତନ ଚୁପ୍‌କରି ରହିଲା । କ'ଣ କହିବ ସେକଥା ଯେମିତି ଠିକ୍ କରି ନେଲା ମନେମନେ । ତା'ପରେ କହିଲା—ସାହେବଙ୍କୁ ମୁଁ ଖୁନ୍ କରିବି ମେମ୍ ସାବ !

ମ୍ଳାନ ହସ ଫୁଟି ଉଠିଲା ଚପଳା ଓଠରେ । କହିଲା —ତା'ହେଲେ ତୁମେ ଫାଶୀ ଯିବ, ଜାଣ ?

—ପୋଲିସ ମୋତେ ଖୋଜୁଥିଲା । ମୋତେ ଧରିପାରିଲେ...

—ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ ପୋଲିସ ଶାସ୍ତି ଦିଏନା । ଆଉ ନିରପରାଧ ବ୍ୟକ୍ତି କେବେହେଲେ ପଳାଇ ଆତ୍ମ-ଗୋପନ କରେନା ।

—ଆପଣ ବିଶ୍ୱାସ କରନ୍ତୁ ମେମସାବ । ଆକ୍‌ସିଡେ଼ଣ୍ଟ ସମୟରେ ମୁଁ ଆଖପାଖରେ ନ ଥିଲି ।

—ମାନେ ।

ରାମରଞ୍ଜନ ଜଣାଇଲା—

ଠିକ୍ ପାଞ୍ଚଟା ସମୟରେ ଟ୍ରେନ ଆସି ଅଟକିଲା ଷ୍ଟେସନରେ । ବୀରେନ୍ଦ୍ର ଗୋଟାଏ ସୁଟ୍‌କେଶ ଆଉ ଆଟାଚି ନେଇ ବାହାରି ଆସିଲା ବାହାରକୁ । ରାମରଞ୍ଜନ ଛୁଟି ଆସିଥିଲା ପାଖକୁ । ଗାଡ଼ିରେ ବସାଇଲା ବୀରେନ୍ଦ୍ରଙ୍କୁ । ତା'ପରେ କ'ଣ ଭବି ବିନୟ ପାଇନ୍‌ର ଆଗମନ ବାର୍ତ୍ତା ସେ ଦେଇଥିଲା ବୀରେନ୍ଦ୍ରଙ୍କୁ ।

ବୀରେନ୍ଦ୍ର ପଚାରିଥିଲା କେତେଦିନ ହେଲା ଆସିଛୁ !

—ପ୍ରାୟ ମାସେ ।

—ମାସେ ?

—ମେମ୍ ସାହେବଙ୍କୁ ନେଇ ନାନା ପ୍ରକାର କଥା ଉଠୁଛନ୍ତି । ଆପଣ ସାବଧାନ ହୁଅନ୍ତୁ ସାହେବ ।

ରାମରତନ କଥା ଶୁଣି ଗାମ୍ଭୀର୍ଯ୍ୟ ନଇଁ ଆସିଥିଲା ବୀରେନ୍ଦ୍ର ମୁହଁରେ । ତା'ର ମନ ଆକାଶ ବୋଧହୁଏ ମେଘାଚ୍ଛନ୍ନ ହୋଇ ଆସିଥିଲା ସେଇ ମୁହୂର୍ତ୍ତରେ । ରାମରତନ ଆଡ଼େ ଚାହିଁ କହିଥିଲା—ତୁମେ ଚାଲିଚାଲି ଯାଅ । ମୁଁ ନିଜେ ଡ୍ରାଇଭ କରି ଯାଉଛି ।

—କିନ୍ତୁ ଏକା ଏଇ ସନ୍ଧ୍ୟାବେଳେ···

—କୌଣସି ଭୟ ନାହିଁ । ଯାଅ ।

ତା'ପରେ ଗାଡ଼ି ଛୁଟାଇ ଚାଲିଯାଇଥିଲେ ବୀରେନ୍ଦ୍ର । ରାମରତନକୁ ନୀରବ ହେବାର ଦେଖି ତପସ୍ୱୀ ପ୍ରଶ୍ନ କଲା—ତୁମେ ତା'ପରେ କ'ଣ କଲ ?

ରାମରତନ ଉତ୍ତର ଦେଲା—ମୁଁ ବନ୍ଧୁଙ୍କ ଘରେ ରାତି କଟେଇଥିଲି । ପରଦିନ ଭୋରବେଳା ବସାକୁ ଫେରି ଶୁଣିଲି ଅଘଟଣ ଘଟି ଯାଇଛି । ପୋଲିସ୍ ଖୋଜୁଛି ମୋତେ । ତେଣୁ ପଳାଇଲି ।

ତପସ୍ୱୀ କଠିନ କଣ୍ଠରେ କହିଲା—ତୁମେ ମିଛ କହୁଛ ରାମରତନ । ଅସଲରେ ତୁମେହିଁ ସାହେବଙ୍କୁ ଖୁନ୍ କରିଛ ।

—ମୋର କି ସ୍ୱାର୍ଥ ଥିଲା ସେଥିରେ ?

—ଥିଲା । ତାଙ୍କ ପାଖରେ ଥିଲା କେଇ ହଜାର ଟଙ୍କା । ସେଇ ଟଙ୍କା ଲୋଭରେ ତାଙ୍କୁ ଖୁନ୍ କରିଛ ।

—ନା ।

—କିଏ ବିଶ୍ୱାସ କରିବ ତୁମ କଥା ?

—ଭଗବାନ କରିବେ ।

—ଭଗବାନଙ୍କ ନାଁ ତୁମ ମୁହଁରେ ଶୋଭା ପାଏନା ରାମରତନ ।

ରାମରତନ ମ୍ଳାନ ହସିଲା । କହିଲା—ମେମ୍‌ସାହେବ ଆପଣଙ୍କୁ ମଧ୍ୟ ସାହେବଙ୍କ ଭଳି ଅପଘାତରେ ମରିବାକୁ ହେବ ।

—ତୁମେ ମୋତେ ଭୟ ଦେଖାଉଛ ।

—ନା, ଯେ ସାହେବଙ୍କୁ ଖୁଣ୍ କରିଛି, ସେଇ ଆପଣଙ୍କୁ ମଧ୍ୟ ଖୁଣ୍ କରିବ ।

—କିଏ ସେଇ ଲୋକ ? କାହାକଥା କହୁଛ ତୁମେ ?

—ପାଇନ୍ ସାହେବ ।

—ରାମରତନ !

ଆପଣଙ୍କର ବୋଧହୁଏ ମନେଥିବ ସାହେବ ଯେଉଁଦିନ ଖୁଣ୍‌ହେଲେ ସେଦିନ ପାଇନ୍ ସାହେବ ରାଇଫେଲ୍ ନେଇ ଶିକାର କରିବାକୁ ଜଙ୍ଗଲକୁ ଯାଇ ବେଶି ରାତିରେ ଶିକାର କରି ଘରକୁ ଫେରିଥିଲେ ।

ଡପଣ୍ଟି ଶୁଣିଁ ରହିଲା ରାମରତନ ଆଡ଼କୁ । ଲୋକଟା ପାଗଳଙ୍କ ଭଳି କଥା କହୁଛି । ବନସ୍ପ୍ରକୁ ଝୁମ୍ପା ସଜାଇବାର ଚେଷ୍ଟା କରୁଛି ।

କହିଲା—ସାହେବଙ୍କ ଦେହରୁ ଯେଉଁ ଗୁଳି ମିଳିଛି, ସେଇଟା ୩୨ କାଲିବର୍‌ର ରିଭଲଭର୍ । ଆଉ ସେଇଟି ତାଙ୍କ ନିଜର ।

—ହୁଏତ ସେଇ ରିଭଲଭର୍ ତାଙ୍କ ପାଖରେ ଥିଲା ।

କହିଲା ରାମରତନ ।

ହସି ଉଠିଲା ଡପଣ୍ଟି । କହିଲା—ତୁମେ ପୋଲିସ୍ ନିକଟରେ ବରଂ ଆତ୍ମସମର୍ପଣ କର ।

—କାହିଁକି ମେମ୍‌ସାବ ?

—ସାହେବଙ୍କୁ ଖୁଣ୍ କରି ଯେଉଁ ପାପ କରିଛ ତା'ର ପ୍ରାୟଶ୍ଚିତ କର ।

ରାମରତନ ମନ ମଧ୍ୟରେ ହଠାତ୍ ପରିବର୍ତ୍ତନ ଦେଖାଗଲା । ତା'ର ମୁହଁ କଠିନ ହୋଇ ଆସିଲା ଏଥର । କଠିନ କଣ୍ଠରେ କହି ଉଠିଲା—ଆଉ ଯଦି ଧରା ନ ଦିଏ ?

—ମୁଁ ତୁମକୁ ଧରେଇ ଦେବି ।

—ମିଥ୍ୟା କଳଙ୍କ ମୁଣ୍ଡରେ ନେବା ଆଗରୁ ମୁଁ କହିବି ମେମ୍‌ସାବ୍ ।

ତପସ୍ୱୀ ଚୁପ୍ କରି ରହିଲା—

ରାମରତନ ଗୁଳିଫିବାକୁ ଉଦ୍ୟତ ହୋଇ ପୁନର୍ବାର ଅଟକିଗଲା । ତପସ୍ୱୀ ପାଖକୁ ଆସି କହିଲା—ସାହେବଙ୍କ ଖୁନ୍ ପଛରେ ଆପଣଙ୍କର ମଧ୍ୟ ହାତ ଥାଇପାରେ ।

—ରାମରତନ !

—ଆପଣ ଯାହା ଚାହିଁଥିଲେ, ସାହେବଙ୍କ ଭାଗ୍ୟରେ ତାହାହିଁ ଘଟିଛି ମେମ୍‌ସାବ୍ । ସାହେବଙ୍କ ମୃତ୍ୟୁ ନିମନ୍ତେ ଆପଣହିଁ ଦାୟୀ । କହିସାରି ରାମରତନ ଆଉ ଅପେକ୍ଷା କଲାନାହିଁ । ଦ୍ରୁତ ପଦରେ ବାହାର ଗଲା ବାହାରକୁ ।

ଦର୍ପଣ ଆଡ଼କୁ ଫେରି ଚାହିଁଲା ତପସ୍ୱୀ । ନିଜର ବିକ୍ରମ ମୁଖ ସକାଳର ପ୍ରତିବିମ୍ବ । ଧୀରେ ଧୀରେ ମୁହଁରେ କ୍ରିମ୍ ଲଗାଇଲା ତପସ୍ୱୀ ।

ଏକବର୍ଷ ତଳେ ଘଟିଥିବା ଦୁର୍ଘଟଣା ମୁଣ୍ଡ ଟେକୁଛି ଧୀରେ ଧୀରେ । କେହି ଭୁଲି ପାରି ନାହାନ୍ତି ବାରେନ୍ଦ୍ର ମୃତ୍ୟୁ ରହସ୍ୟ । କବର ତଳେ ଯେଉଁ ଘଟଣାର ସମାଧି ଲାଭ ଘଟିଥିଲା, ଆଜି ଧୀରେ ଧୀରେ ମୁଣ୍ଡ ଟେକି ଉଠି ବସିବାର ଚେଷ୍ଟା କରୁଛି ।

ବିଛଣା ଉପରକୁ ଆସିଲା ତପସ୍ୱୀ । ଆଉ ଏଠାରେ ରହିବନି ସେ ।

Deb's Library Corner...

ବୀରେନ୍ଦ୍ରର ପ୍ରେତଗୁମ୍ଫା ଏଠାରେ ଆସି ବସା ବାନ୍ଧିଛନ୍ତି । କାଲି ସକାଳେ ଠିକ୍ କରିବାକୁ ହେବ, ଏଠାରୁ କୁଆଡ଼େ ଯିବ ସେ । ବୀରେନ୍ଦ୍ରର ଅଦୃଶ୍ୟ ଉପସ୍ଥିତି ଅତିଷ୍ଠ କରି ତୋଳିବ ସ୍ଥାନରୁ ସ୍ଥାନକୁ । ଏଇଭଳି କ'ଣ ସାରା ଜୀବନ ପଳାଇ ବୁଲିବାକୁ ହେବ ତାକୁ ।

ବିନୟକୁ ଧରି ବଞ୍ଚିବାକୁ ଚାହିଁଥିଲା ସେ । କିନ୍ତୁ ବଞ୍ଚିବା ବୋଧହୁଏ ଆଉ ତା'ର ସମ୍ଭବ ହେବନି । ତାକୁ ଦୟା କରନ୍ତି ବିନୟ । କିନ୍ତୁ ସ୍ତ୍ରୀର ମର୍ଯ୍ୟାଦା ଦେଇ ସମ୍ମାନ ଦେଖାଇବାକୁ ଚାହାଁନ୍ତି । ଯେଉଁ ଲୋକର ମନ ଜଣେ ନାରୀଠାରେ ବନ୍ଧାପଡ଼ି ରହେନା, ବିନୟ ସେମାନଙ୍କ ମଧ୍ୟରୁ ଜଣେ ।

ଦିନେ ଉପଭୋଗକୁ ଦୂରେଇ ଯିବାକୁ ହେବ ଆଉ ଜଣଙ୍କ ପାଇଁ ସ୍ଥାନ କରିଦେଇ । ମଝିରେ ମଝିରେ ଉପଭୋଗର ମନେହୁଏ, ସ୍ତ୍ରୀମଣିର ବିଶ୍ୱାସ ଘାତକତାର ପ୍ରତିଶୋଧ ବିନୟ ସବୁ ନାରୀଙ୍କ ଉପରେ ତୋଳିବାକୁ ଚାହେଁ । କୌଣସି ନାରୀକୁ ସୁଖୀ ହେବାକୁ ଦେବନି । କାହାକୁ ଲୁହେଁ ।

ଗତ ପାଞ୍ଚଦିନ ଧରି ବିନୟ ଯିବା ଆସିବା କରୁଛନ୍ତି ଏଇ ହୋଟେଲର ବୋର୍ଡ଼'ର ମିଷ୍ଟର ଆଉ ମିସେସ

ରୁଦ୍ରଙ୍କ ଘରକୁ । ଯୁବତୀ ରମନା ରୁଦ୍ର ଯେ ସୁନ୍ଦରୀ ଏଥିରେ ସନ୍ଦେହ କରିବାର କିଛିନାହିଁ । ବନଯୁର ଆଖି ଯେମିତି ତା' ଉପରେ ବେଶୀ । ଏଇ ମିଳାମିଶାକୁ ଭଲ ଭାବରେ ଗ୍ରହଣ କରି ପାରୁନି ତପସ୍ୱୀ । ତା'ର ମନେହୁଏ ବନଯୁ ଯେମିତି ଆଜି ଗୋଟାଏ ସଂସାର ଭାଙ୍ଗିବାକୁ ଯାଉଛି ।

ହେଲେ... ବୀରେନ୍ଦ୍ର ଥିଲା ମଧ୍ୟବିତ୍ତ ଘରର ବିଚକ୍ଷଣ ପିଲା । ନିଜ ଜୀବନ ଗଢ଼ିଥିଲା ନିଜ ପ୍ରଚେଷ୍ଟାରେ । ଆଦର୍ଶ ସ୍ୱାମୀ କହିଲେ ଯାହା ବୁଝାଏ ବୀରେନ୍ଦ୍ର ତାହାହିଁ ଥିଲା । ତା' ମଧ୍ୟରେ ଗୁଣର ଆଧିକ୍ୟ ଥିଲା ଅର୍ଥର ।

ତପସ୍ୱୀର ବାପା ସମରେନ୍ଦ୍ର ବାବୁ ଚାହିଁଥିଲେ ବୀରେନ୍ଦ୍ରକୁ । ଅନେକ କାଚ ଟୁକୁରା ମଧ୍ୟରୁ ବୀରେନ୍ଦ୍ର ଭଳି ହୀରା ବାଛିନେଇ ଥିଲେ ସେ । କିନ୍ତୁ ତପସ୍ୱୀର କ'ଣ ମନ ଭରିଥିଲା ସେଥିରେ ? ନା ଭରିନି । ସିଏତ ଏଭଳି ସ୍ୱାମୀ ଲାଭର ସ୍ୱପ୍ନ କୌଣସି ଦିନ ଦେଖିନି । ତେଣୁ ବିବାହ ପରେ ବାପଘରକୁ ଯାଇ ସମରେନ୍ଦ୍ର ବାବୁଙ୍କ ମୁହାଁମୁହିଁ ହୋଇଥିଲା ତପସ୍ୱୀ ।

ଦୁଃଖ କରି କହିଥିଲା---ମୋତେ କଷ୍ଟ ଦେବା ଲାଗି କ'ଣ ଏଇ ବିବାହ ଦେଲେ ବାପା ?

ସମରେନ୍ଦ୍ର ବାବୁ ଅବାକ ହୋଇ କହୁଥିଲେ—ହଠାତ୍ ଏକଥା କାହିଁକି କହୁଛୁ ମା' ?

—ଯଦି ମନେ ମନେ ଠିକ୍ କରିଥିଲେ ଗରିବ ଘରେ ବିବାହ ଦେବେ, ତା'ହେଲେ ମୋତେ ପ୍ରାଚୁର୍ଯ୍ୟ ମଧ୍ୟରେ ମନୁଷ୍ୟ କଲେ କାହିଁକି ?

—ମୁଁ କହୁଛି, ତୁ ସୁଖି ହେବୁ ମା'।

—ଦରିଦ୍ରକୁ ନେଇ ମଣିଷ କ'ଣ ସୁଖି ହୋଇ ପାରେ ?

—ପାରେ। ଦେଖିବୁ ବୀରେନ୍ଦ୍ର ଅନେକ ବଡ଼ ହେବ।

—ତା' ଆଗରୁ ମୁଁ ହୁଏତ ଶେଷ ହୋଇଯିବି।

—ନାରେ ମା' ନା, ମଣିଷ ଚିହ୍ନିବାକୁ ଭୁଲ କରିନି ମୁଁ।

ତପସ୍ୟା କ'ଣ ଭଲ ପାଇନି ବୀରେନ୍ଦ୍ରକୁ ? ବୋଧହୁଏ ନା, ତେବେ କରୁଣା କରୁଛି। ଏକ ଅପୂର୍ଣ୍ଣ ଜୀବନକୁ ଅଶ୍ରଦ୍ଧା କରିନି ସତ୍ୟ; କିନ୍ତୁ ଅବହେଳା କରୁଛି।

ପାଖ ଫେରି ଶୋଇଗଲା ତପସ୍ୟା।

ଯେଉଁ ଅତୀତକୁ ପଛରେ ପକାଇ ଆଗେଇ ଆସିଛି ସେଆଡ଼େ ଫେରି ଚାହିଁ ଆଉ କ'ଣ ହେବ । ସେ ଆଡ଼କୁ ଚାହିଁବାର ଇଚ୍ଛା ତପସ୍ୱୀର ନାହିଁ ।

ଦୀର୍ଘଶ୍ୱାସ ପକାଇଲା ସେ ।

ଏଭଳି ଭାବରେ ମଣିଷ କ'ଣ ବଞ୍ଚିପାରେ ବେଶୀ ଦିନ ! ପ୍ରତି ମୁହୂର୍ତ୍ତରେ ଯେଉଁ ମୃତ୍ୟୁ ଏଇ ମୃତ୍ୟୁକୁ ସେ ବୋଧ କରିବ କେମିତି !

ସନତର ମୁହଁ ମନେପଡ଼ିଲା ତା'ର । ସନତର ପାଖାପାଖି ଚାଲିଲେ ବା ବସିରହିଲେ ଗାରେନ୍ଦ୍ର କଥା ମନେ ପଡ଼ିଲା ଭଳି ଏକ ମନର ସ୍ପର୍ଶ ମିଳେ । ତା' ମଧ୍ୟରେ ସେଇ ମନ ଭିତରେ ମନ ପ୍ରବେଶ କରି ପଥ ହରାଇବାକୁ ଭଲ ଲାଗେ । ତୃପ୍ତ ବୋଧ ଜାଗେ ଏଇ ସନତକୁ ଭଲ ପାଏ ବନପ୍ସୁ । ଉପ୍ସୁ ବନପ୍ସୁକୁ ଅହରହ ଛିଳଛିଳ କରି ଜାଳୁଛି । ମନୁଷ୍ୟର ଅପରାଧ ମନ ସାମାନ୍ୟ କାରଣରୁ ଖାତ ହୋଇ ପଡ଼େ ।

ତପସ୍ୱୀ ଆଖିରେ ନିଦ୍ରା ନଇଁ ଆସିଲା । ବୁଜି ହୋଇ ଆସିଲା ଆଖିପତା । ତା'ର ମନେ ହେଲା ଅନେକ ଗୁଡ଼ାଏ ମନୁଷ୍ୟ ଅନ୍ଧକାର ପ୍ରାନ୍ତର ଦେଇ ଛୁଟି ଚାଲିଛନ୍ତି । ଜଣ ଜଣ କରି ହଜି ଯାଉଛନ୍ତି ଅନ୍ଧକାର ଆଉ କଳା ଦିଗନ୍ତରେ ।

—ତପସ୍ୱୀ !

ତପସ୍ୱୀର ତନ୍ଦ୍ରାଚ୍ଛନ୍ନ ମନ ଚମକି ଉଠିଲା । ଆଖି ମେଲାଇଲା ସେ । କଣ୍ଠସ୍ୱର ଲକ୍ଷ୍ୟକରି ପାଶକୁ ଫେରିଲା ।

ସନତ ଠିଆ ହୋଇଛି ଖଟ ପାଖରେ ।

—ଆପଣ ?

ତପସ୍ୱୀ ଉଠି ବସିଲା ।

ସନତ ଓଠରେ ହସ ଖେଳାଇ କହିଲା—ଘୁଲ ଆସିଲା ।

—କ'ଣ ଦରକାର ଅଛି କହିବେ ?

—କହିବି ବୋଲିତ ଆସିଲି । ତପସ୍ୱୀ ମୁଁ ବୋଧହୁଏ ପାଗଳ ହୋଇଯିବି ।

—କାହିଁକି ?

—ମୁଁ ତୁମକୁ ଭଲପାଇ ଅଶାନ୍ତ ବୋଧ କରୁଛି ।

ଡ୍ରେସିଂ ଗାଉନ୍ ଟାଣିନେଇ ଦେହରେ ଗଳାଇଲା ତପସ୍ୱୀ । ତା'ପରେ ଖଟ ଉପରୁ ଓହ୍ଲାଇ ଆସିଲା ତଳକୁ ।

ବସ ସନତ ।

ସନତ ବସିଲା । ଗୋଟାଏ ଗ୍ଲାସ ପାଣି ଢକ ଢକ ପିଇଦେଲା ଚପଣି । ତା'ପରେ କହିଲା—ସନତ ! ମୁଁ ଲବାଙ୍ଗତା ନାଗ, ଅନ୍ୟର ସ୍ତ୍ରୀ ।

—ଜାଣେ ।

—ସବୁ ଜାଣି ମଧ୍ୟ...

—ତୁମକୁ ଭଲ ପାଇବା କ'ଣ ଅନ୍ୟାୟ ?

—ଅନ୍ୟାୟ ନିଶ୍ଚୟ । ମୋ ସମ୍ପର୍କରେ କେତେ କା' ଜାଣ ତୁମେ ?

—ମୁଁ ସବୁ ଜାଣେ ।

—କ'ଣ ?

—ମିଃ ପାଇନ୍ ତୁମର ଦ୍ୱିତୀୟ ସ୍ୱାମୀ । ତୁମର ପ୍ରଥମ ସ୍ୱାମୀ ଖୁନ୍ ହୋଇଛନ୍ତି ଅଜ୍ଞାତ ଆତତାୟୀ ହାତରେ ।

—ନା, ମିଃ ସାହାଣୀ ଆକ୍ସିଡେଣ୍ଟରେ ପ୍ରାଣ ହରେଇଛନ୍ତି ।

—କିନ୍ତୁ ଇନସ୍‌ପେକ୍ଟର ବଡ଼ାଲ କହିଲେ...

—ଇନସ୍‌ପେକ୍ଟର ବଡ଼ାଲ ? କୋଉଠୁ ପାଇଲ ତାଙ୍କୁ ?

—ଏଠିକି ଭଦ୍ରଲୋକ ବୁଲବାକୁ ଆସିଛନ୍ତି । ବ୍ୟସ୍ତ ଜୀବନରୁ କିଛି ଦିନ ନିମନ୍ତେ ଅବ୍ୟାହତି ପାଇଁ...

ବ୍ରାହ୍ମଣୀ ଗୃହର ଗୁମ୍ଫି ଧରିଲା ତପସ୍ୱୀ । ଜନ୍ମାଜଙ୍କର ସୁନ୍ଦର ମୁହଁଟି କଳା ହୋଇ ଆସିଲା । ଇନସ୍‌ପେକ୍ଟର କ'ଣ ସତରେ ବୁଲିବାକୁ ଆସିଛନ୍ତି, ନା ସେଇ ପୁରୁଣା ଫାଇଲ ନେଇ ପୁନର୍ବାର କାମ ଆରମ୍ଭ କରୁଛନ୍ତି ?

ତପସ୍ୱୀ ବଡ଼୍ ବଡ଼୍ କରି କହିଲା—ଭଦ୍ରଲୋକ କ'ଣ ସତରେ ବୁଲିବାକୁ ଆସିଛନ୍ତି ?

ସନତ ଖଣ୍ଡିଏ ସିଗାରେଟ୍‌ରେ ନିଆଁ ଧରାଇ କହିଲା—ମିଷ୍ଟର ବଣ୍ଡାଲ ସେଇଆ କହିଲେ । କିନ୍ତୁ ମିସ୍ କାଉଲ୍ କହୁଥିଲେ ସେ କୁଆଡ଼େ କେଉଁ ଖୁଣ୍ କେସର ତଦନ୍ତ କରିବାକୁ ଆସିଛନ୍ତି । ଗୋଟାଏ ଢେଲରେ ଦୁଇଟା ପକ୍ଷୀ···

ତୀକ୍ଷ୍ଣ କଣ୍ଠରେ ତପସୀ କହିଲା—ବୀରେନ୍ଦ୍ର ଯଦି ଖୁଣ ହୋଇ ଥାଆନ୍ତି ତାହାହେଲେ ଆତ୍ମହତ୍ୟା କହି କେସ୍‌କୁ ଚପାଇ ଦେବାର କି ଦରକାର ଥିଲା ?

—କିନ୍ତୁ ସେ ଯେ ମିଷ୍ଟର ବ୍ରାହ୍ମଣୀଙ୍କ ବ୍ୟାପାର ନେଇ ତଦନ୍ତ କରିବାକୁ ଆସିଛନ୍ତି, ଏକଥା ଧରି ନେଉଛ କାହିଁକି ? ତୁମେ ମିଛରେ ଭୟ ପାଉଛ, ତପସୀ ।

ତପସୀ ଚୁପ୍ ରହିଲା ।

ସନତ ଏଥର ଉଦ୍‌ଭ୍ରାନ୍ତ ଚିତ୍ତରେ କ'ଣ ଭାବିବାକୁ ଲାଗିଲା ।

ହଠାତ୍ ପ୍ରଶ୍ନ କଲା—ମିଷ୍ଟର ପାଇନ୍ କାହାନ୍ତି ?

—ହୋଟେଲରେ ଜଣେ ବୋର୍ଡରଙ୍କ ଘରେ ।

—ମିଷ୍ଟର ରୁଦ୍ରଙ୍କ ଫ୍ଲାଟରେ ?

ରୂପଶ୍ରୀ ବିସ୍ମିତ ହୋଇ କହିଲା—ହଁ, କିନ୍ତୁ... ତୁମେ ଜାଣିଲ କେମିତି ?

—କେଇଦିନ ହେବ ମିସେସ୍ ରୁଦ୍ରଙ୍କ ସାଥିରେ ତାଙ୍କୁ ଘୁରି ବୁଲିବାର ଦେଖିଛି । ସେମାନେ ପରସ୍ପରର ପ୍ରତି ଆକୃଷ୍ଟ ।

ଚୁପ୍ ହୋଇ ବସିଲା ରୂପଶ୍ରୀ ।

ସନତ ଉଠି ଠିଆହେଲା ଝରକା ସାମନାରେ । ଜାଲପଟେ ଦେଇ ଲକ୍ଷ୍ୟକଲା ନିର୍ଜନ ରାସ୍ତା ଆଡ଼େ । ତା'ପରେ ଘୁରି ଠିଆହୋଇ ପଚାରିଲା—ମିଃ ପାଇନ୍ଙ୍କୁ ବିବାହ କରି ତୁମେ କ'ଣ ସୁଖୀ ହୋଇଛ ରୂପଶ୍ରୀ ?

—ନାରୀ ଜୀବନରେ ଥରେହିଁ ଭଲପାଏ ସନତ । ସେଇ ଭଲ ପାଇବା ହିଁ ତା' ଜୀବନର ଭଲ ପାଇବା ।

—ମିଷ୍ଟର ସାହାଣୀ ତା'ହେଲେ ତୁମ ଜୀବନର ପ୍ରଥମ ଭଲ ପାଇବାର ଯୋଗ୍ୟ ବ୍ୟକ୍ତି ?

—ଆଜି ତାହାହିଁ ମନେ ହେଉଛି ।

—ତନୟ ତା'ହେଲେ ତୁମ ପାଇଁ କ'ଣ ?

—ପ୍ରିଜଉରଟି । ନିସଙ୍ଗ ଜୀବନର ଅବଲମ୍ବନ ।

ମ୍ଲାନ ହସିଲ ସନତ । କହିଲ—ମୋର ଭଷାପାସ ତା'ହେଲେ ଶୂନ୍ୟ ଅବସ୍ଥାରେ ଫେରାଇ ନେଇ ଯାଉଛୁ ।

ତପତୀ କ୍ଷଣକ ପାଇଁ ଚୁପ୍ ରହି କହିଲା—ତୁମକୁ ଦେବା ଭଳି ମୋର କିଛି ନାହିଁ ସନତ । ମୋର ନିଷ୍ଠି-ଧପ୍ର ଭଲପାଇବା ନେଇ କ'ଣ ବା' କରିବ ତୁମେ ?

— କଣ୍ଠହାର କରି ରଖିବି ।

—ସନତ ।

—ଆଚ୍ଛା, ଆସୁଛି ତପତୀ ।

ତପତୀର କଣ୍ଠ ରୁଦ୍ଧ ହୋଇ ଆସିଲା ଅଶ୍ରୁର ବନ୍ୟାରେ । ସେ ନିଜକୁ ସଞ୍ଜତ କରି ନେଇ କହିଲା—ତୁମକୁ ଦେବା ଭଳି ପ୍ରକୃତ କିଛି ହେଲେ ମୋର ନାହିଁ । ତେବେ କୌଣସି ଦିନ ଯଦି ତୁମ ନିକଟରେ ଯାଇ ଠିଆହୁଏ, ମୋତେ ଫେରାଇ ଦେବନି ତୁମେ ।

ସନତ କହିଲା—ନା, ଦେବନି । ଆଚ୍ଛା, ଏଥର —ଆସ ।

ସନତ ଚାଲିଯିବାକୁ ଉଦ୍ୟତ ହେବା ମାତ୍ରକେ ଘରେ ପ୍ରବେଶ କଲା ବିନୟ । ତପତୀ ଏବଂ ସନତ ଉପରେ ବିସ୍ମିତ ଦୃଷ୍ଟି ଘୁରାଇ ନେଇ କହିଲା—ଚାଳିର ଭିତରେ ନାଟକ ତା'ହେଲେ ଚମତ୍କାର ଜମିଥିଲା, ନୁହେଁ ?

ତପତୀର ଦେହ ମନ ଘୃଣାରେ ଶିହରି ଉଠିଲା ।

ସନତ କହିଲା—ଆସନ୍ତୁ ମି: ପାଇନ୍ । ଗୁଡ଼୍ ନାଇଟ୍ ।

ଆଗେଇଗଲା ସନତ୍ । ମାସି ଦିନପୁ ଚିତ୍କାର କରି ଉଠିଲା—ଠିଆ ହୁଅନ୍ତୁ । ପଳାଇ ଯାଉଛନ୍ତି କାହିଁକି ?

ତପତୀ କହିଲା—କାହାକୁ ତୁମେ କ'ଣ କହୁଛ ?

—ଯାହାକୁ ଯାହା କହିବା ଉଚିତ ।

ସନତ ଫେରିଆସିଲା । କହିଲା—କୁହନ୍ତୁ କ'ଣ କରିବାକୁ ଚାହାନ୍ତି ।

—ଆପଣ କ'ଣ ଚାହାନ୍ତି କହିପାରିବେ ?

ତପତୀ ଦୃଢ଼ତାର ସହ କହିଉଠିଲା—ତୁମେ ସନତଙ୍କ ସହିତ ଭଦ୍ରଭାବରେ ବ୍ୟବହାର କର ।

ପାଞ୍ଚଟା ଦିନ ମୁଁ ତାଙ୍କ ସହିତ ଭଦ୍ର ବ୍ୟବହାର କରିଛି; କିନ୍ତୁ ଆଉ ନୁହେଁ···।

ସନତ ଗୋଟାଏ ଚେୟାରରେ ବସିପଡ଼ି ନିଜର ଡାହାଣ ହାତ ନଚାଇ ନଚାଇ କହିଲା—ତା'ହେଲେ ଶୁଣନ୍ତୁ ମି: ପାଇନ୍ । ତପତୀକୁ ମୁଁ ଖୁବ୍ ଭଲପାଏ ।

—ଇଡ଼ିୟଟ୍ ।

—ଜାଣିଥିଲି, କଥାଟା ଆପଣ ସହ୍ୟ କରିପାରିବେ ନାହିଁ ।

ଚମ୍ପା ଅନୁନୟ କଣ୍ଠରେ କହିଲ—ପ୍ଲିଜ୍ ସନତ, ତୁମେ ଚାଲିଯାଅ ।

ଚାଲିତ ଯାଉଥିଲି !

ବିନୟ ଚିତ୍କାର କରି କହିଲ—ନା, ବୁଝାମଣା ନ କରି ମି: ଚୌଧୁରୀ ଏଠାରୁ ଯାଇପାରିବେନି ।

ସନତ ଉଠି ଠିଆହେଲ । ଗୋଟାଏ ଗ୍ଲାସ ପାଣି ନେଇ ପିଇଲ । ତା'ପରେ କହିଲ—ଆପଣଙ୍କ ବୁଝାମଣା କ ଧରଣର ସେକଥା ମୁଁ ଜାଣେ । କିନ୍ତୁ ଶୁଣି ରଖନ୍ତୁ ମି: ପାଇନ୍ । ବାଟରଜ୍ ସାହାଣୀ ଭଳି ମୁଁ ବୋକା ନୁହେଁ ।

—ମି: ଚୌଧୁରୀ !

—ଭୟ ନାହିଁ । ମୁଁ ପୋଲିସର ଲୋକ ନୁହେଁ ।

ଛପତୀ ବିନୟକୁ ଦେଖିଲ । ନଜର ଶୁଖିଲ ଓଠ, ଜିଭ ସାହାଯ୍ୟରେ ଓଦା କରିବାକୁ ଚେଷ୍ଟାକଲ ସେ ।

ବିନୟର ଆଖି ଦୁଇଟା ତୀକ୍ଷ୍ଣ ହୋଇ ଉଠିଛି । ଧକ୍ଧକ୍ କରି ଜଳୁଛି । ସନତ କହିଲ—ଇନ୍‌ସ୍ପେକ୍ଟରର ବଡ଼ାଲ କହୁଥିଲେ, ଜାଲ ପ୍ରାୟ ଗୋଟାଇ ଆଣିଛନ୍ତି ।

—ଇନ୍‌ସ୍ପେକ୍ଟର ବଡ଼ାଲ ?

—ଭୟ ପାଇଲେ ମନେ ହେଉଛି ?

—ନା ।

—ବୀରେନ୍ଦ୍ର ସାହାଣୀ କେସ୍ ଏବେ ବି କଷ୍ଟ ଦେଉଛି ତାକୁ । ଗୋଟାଏ କଥା ଏପର୍ଯ୍ୟନ୍ତ ପରିଷ୍କାର ହୋଇପାରୁନ । ମିଃ ସାହାଣୀଙ୍କ ରିଭଲଭର୍ କୁଆଡ଼େ ଗଲା ?

—ହୁଏତ ଝରଣା ଜଳରେ ପଡ଼ି କେଉଁଆଡ଼େ ଭାସିଯାଇଛି ।

—ଇନ୍‌ସ୍ପେକ୍ଟର ବଡ଼ାଳଙ୍କ ଧାରଣା କିନ୍ତୁ ଅନ୍ୟ ପ୍ରକାର । ତାଙ୍କର ଧାରଣା ମିଃ ସାହାଣୀଙ୍କ ସାଥିରେ ରିଭଲଭର୍ ଆଦୌ ନ ଥିଲା । ଖୁଣୀ ତାକୁ ସାଙ୍ଗରେ ନେଇ ଯାଇ ଖୁନ୍ କରିଛି । ତା'ପରେ···

—ଅଳୀକ କଳ୍ପନା !

ତପତୀ କହିଲା—ମୁଁ ନିଜ ହାତରେ ରିଭଲଭର୍ ତାଙ୍କ ସୁଟ୍‌କେସରେ ରଖି ଦେଇଥିଲି ।

—କିନ୍ତୁ ଇନ୍‌ସ୍ପେକ୍ଟରଙ୍କ ଧାରଣା ତୁମେ ଅସଲରେ ରିଭଲଭର୍ ସୁଟ୍‌କେସରେ ରଖିନା ।

ତପତୀ ଛଟପଟ କରି ଉଠି କହିଲା—ପୋଲିସ ଯାହା ଭାବିବ ତାହାହିଁ ସତ୍ୟ ନୁହେଁ ସନତ । ମୁଁ ପୋଲିସକୁ ଆଜି ଭୟ କରେନା ।

ସନତ ବାଥ୍‌ରୁମରେ ପ୍ରବେଶ କଲା । ରୁମ୍ ଭିତରେ କିଛିକ୍ଷଣ ନିମନ୍ତେ ନିସ୍ତବ୍ଧତା ନଇଁ ଆସିଲା । ଏକ ସମୟରେ ମାରବଡ଼ା ଭଙ୍ଗକରି ସନତ ଡାକିଲା—ତପତୀ ।

ଚମ୍ପତୀ ଆଖି ଟେକି ଚାହିଁଲା—କ୍ରୁଦ୍ଧ ।

—ତୁମେ କ'ଣ ସତରେ ରିଭଲଭର୍ ସୁଟ୍‌କେଶରେ ରଖିନା ?

—ନା ।

—କାହିଁକି ?

—କାରଣ ମୁଁ ଜାଣିଥିଲି ବୀରେନ୍ଦ୍ରଙ୍କ ଅନୁପସ୍ଥିତିରେ ସୁଯୋଗ ଗ୍ରହଣ ନିମନ୍ତେ ବନମ୍ଭ ପୁନର୍ବାର ଫରେଷ୍ଟ ବଙ୍ଗଳୋକୁ ଆସିବ । ତେଣୁ ହତିଆର ହିସାବରେ...

—କେଉଁଠାରେ ରଖିଥିଲେ ?

—ଆଲମାରୀରେ ।

—ସେଇ ରିଭଲଭର୍ କିପରି ମି: ପାଇନ୍‌ଙ୍କ ହାତରେ ପଡ଼ିଥିଲା ?

—ମୋର ତାହାହିଁ ଧାରଣା ।

—ମି: ପାଇନ୍‌ଙ୍କୁ ତୁମେ ସନ୍ଦେହ କର ?

—କରେ । ମୋତେ ପାଇବା ଆଶାରେ...

ବନମ୍ଭ ଯେ କେତେବେଳେ ପାଖରେ ଆସି ଠିଆ ହୋଇଛନ୍ତି ସେକଥା ଦୁଇଜଣଙ୍କ ଭିତରୁ କେହିହେଲେ ବୁଝିପାରୁ ନାହାନ୍ତି । ସେ ଅସ୍ଫୁଟ କଣ୍ଠରେ ଡାକିଲା—ଚମ୍ପତୀ !

ସଭୟେ ଦୁଇପାଦ ପଛେଇଗଲ ଡପଟୀ । ଦାନ୍ତ ଦେଖାଇ ସନତ କହିଲ—ଆପଣଙ୍କ ସ୍ତ୍ରୀଙ୍କ କଥା ଶୁଣିଲେ ତ ?

ବନସ୍ତୁ ସନତ ପ୍ରଶ୍ନର ଉତ୍ତର ନ ଦେଇ କହିଲ —ତୁମ ପାପ ମୋ' ମୁଣ୍ଡରେ ଚଢ଼ାଇବାକୁ ଚାହୁଁଛ ଡପଟୀ ? ତୁମେ ସେଦିନ ଉପରବେଳା କୁଆଡ଼େ ଯାଇଥିଲ ?

—କେବେ ?

—ଯେଉଁଦିନ ବୀରେନ୍ଦ୍ରର ଫୋନ ଆସିବାର ଥିଲ ।

—ରାସ୍ତାରେ ଘୁରି ବୁଲୁଥିଲି ।

—ମିଛକଥା । ମୋ'ଠାରୁ ତୁମର ଅଧିକ ସୁବିଧା ଥିଲ ରିଭଲଭର୍ ହସ୍ତଗତ କରିବାରେ । ତା'ଛଡ଼ା ତୁମ ପାଖରେ ଗୋଟାଏ ରିଭଲଭର୍ ଅଛି ବୋଲି ମୁଁ ଆଦୌ ଜାଣି ନ ଥିଲି ।

—ତୁମେ ଭଲକରି ଜାଣିଥିଲ ।

—ଇଡ଼ିଏଟ୍ ତୁମେ ଗୋଟାଏ...

ସନତ ଉଚ୍ଚ କଣ୍ଠରେ ହସିଉଠିଲ । କହିଲ—ଏଇ ଚୋରର ସାଙ୍ଗରେ ଆଜ ଝଗଡ଼ା କରନ୍ତୁନ । ଝଗଡ଼ା କରି ଲାଭ କିଛି ମଧ୍ୟ ହେବନ । ବୀରେନ୍ଦ୍ର ହତ୍ୟା

ରହସ୍ୟ ସମାଧାନ ଟିଏ କରିପାରନ୍ତା ସେ ଆଜି ଆଉ ନାହିଁ ।

ବନପ୍ସୁ ପ୍ରଶ୍ନକଲା—କାହା କଥା କହୁଛନ୍ତ ?

—ବୀରେନ୍ଦ୍ର ସାହାଣୀ ।

—ନନ୍‌ସେନ୍‌ସ ।

ସନତ ହସି ହସି ଘର ବାହାରକୁ ବାହାରିଗଲା ।

ତପତୀ ଲୁହିଁ ରହିଛି ବନପ୍ସୁ ଆଡ଼କୁ । ବନପ୍ସୁ ଲୁହିଁଛି ଦରଜା ଆଡ଼କୁ । ଅନେକକ୍ଷଣ ଧରି କେହି କିଛି କହିଲେନି । ଘରର ଖୋଲା ଦରଜା ବନ୍ଦ କରିଦେଲା ତପତୀ, ଝରକା ସାମନାରେ ଆସି ଠିଆ-ହେଲା ।

ତଳେ ନିର୍ଜନ ରାସ୍ତା, ମୃତ ସରୀସୃପ ଭଳି ମୁହଁ-ମାଡ଼ି ପଡ଼ି ରହିଛି ଯେମିତି । ରାସ୍ତାର ଆଲୋକ ଅସ୍ପଷ୍ଟ । ସେଇ ଆଲୋକରେ ତପତୀ ଦେଖିବାକୁ ପାଇଲା ଏକ ମନୁଷ୍ୟ ମୂର୍ତ୍ତିକୁ, ଲ୍ୟାମ୍ପ ପୋଷ୍ଟ ଦେହକୁ ଆଉଜି ଠିଆ ହୋଇଛି, ଏକ ଜଳନ୍ତା ସିଗାରେଟ ଡାହାଣ ହାତର ଅଙ୍ଗୁଳି ଫାଙ୍କରେ । ଦେହରେ ସୁଟ୍, ମୁଣ୍ଡରେ ଫେଲ୍ଟ କ୍ୟାପ ।

ବନପ୍ସୁ ପାଖକୁ ଆସି ଡାକିଲା—ତପତୀ !

—କୁହ ।

—ତୁମେ ଶୋଇବନି ?

—ଶୋଇଛି ।

—ତା'ହେଲେ ଆଜ ଠିଆହୋଇ ରହିଲି କାହିଁକି ?

—ତୁମେ ଶୋଇପଡ଼ ।

ବନପ୍ରି ଟିକେ ଇତସ୍ତତଃ କଲି । ବୋଧହୁଏ ଠିକ୍ କରିନେଲି ଏହାପରେ କ'ଣ କହିବ । ମୁହୂର୍ତ୍ତେ ନୀରବ ରହି କହିଲା—ଆମେ ପରସ୍ପରକୁ ସନ୍ଦେହ କରି ଅଶାନ୍ତି ପାଉଛୁ ।

—ବୀରେନ୍ଦ୍ରଙ୍କୁ କ'ଣ ଆମେ ଭୁଲି ପାରିବାନି ?

—ପାରିବା, ଯଦି ଆମେ ପରସ୍ପରକୁ ସନ୍ଦେହ ଦୃଷ୍ଟିରେ ନ ଦେଖୁ ।

—କିନ୍ତୁ, ମୁଁ ବୋଧହୁଏ ପାଗଳ ହୋଇଯିବି ।

ଝରକା ଦେଇ ତଳକୁ ଚାହିଁଲା ବନପ୍ରି । ଫେଲ୍ଟ ହ୍ୟାଟ୍ ପିନ୍ଧା ସେଇ ଲୋକଟିକୁ ଦେଖି ପଚାରିଲା—ଲୋକଟି କିଏ ?

ତପତୀ ମୁଣ୍ଡ ହଲାଇଲା—ଜାଣେନା ।

—ଅନ୍ଧାରେ ଏମିତି ସେ ଠିଆ ହୋଇ ରହିଛି କାହିଁକି ?

କିଛି କହିଲାନି ତପତୀ । ଯେଉଁ ପ୍ରଶ୍ନର ଉତ୍ତର ସେ ନିଜେ ଜାଣେନା, ସେ ସମ୍ପର୍କରେ କହିବ କେମିତି ?

ଝିରଙ୍କା ଗୁଡ଼ି ସେ ଆସି ଠିଆ ହେଲା ଆଲମାରୀ ସାମନାରେ । ଭିତରୁ ଦୁଇଟା ଗ୍ଲାସ ଆଉ ଗୋଟାଏ ବୋତଲ ବାହାର କରି ଆଣିଲା । ଗ୍ଲାସ ଦୁଇଟି ପୂର୍ଣ୍ଣ କରି ଗୋଟାଏ ବଢ଼ାଇ ଦେଲା ଜନସୁ ଆଡ଼କୁ ।

ଗ୍ଲାସରେ ଓଠ ଛୁଆଁଇଲା ଜନସୁ ।

ଉପଲି କହିଲା—ମୁଁ ମନରେ ଶାନ୍ତି ପାଉ ପାରୁନ ।

ଜନସୁ ନୀରବ ।

ପୁନର୍ବାର ଉପଲି କହିଲା—ମୋତେ ଏକ କଳା-ଛାୟା ଯେମିତି ଗ୍ରାସ କରିବାକୁ ଚାହୁଁଛି । ତୁମ ଜୀବନରୁ ମୋତେ କେହି ଛଡ଼ାଇ ନେବାକୁ ଷଡ଼ଯନ୍ତ୍ର କରୁଛି ଯେମିତି ।

—କିଏ ? ଏଇ ମନର ?

—ନା, ଜୀରେମ୍‌ଙ୍କ ଅତୃପ୍ତ ଆତ୍ମା ।

—ଆଃ ! ଉପଲି !

—ସତ କହୁଛି, ସତ ।

ବିନୟର ମନେହେଲା ନିଶାସକ୍ତ ହୋଇ ପଡ଼ୁଛି ଛପରୀ । କଥାଗୁଡ଼ାକ କେମିତି ଜଡ଼ିତ । ଚେୟାରରେ ବସିଲା ବିନୟ, ମୁଣ୍ଡ ଭାର ହୋଇ ଆସୁଛି ।

ମୃଦୁ କଣ୍ଠରେ ଡାକିଲା—ଛପରୀ !

—କୁହ ।

—ବୀରେନ୍ଦ୍ରଙ୍କ ରିଭଲଭର୍ କେଉଁଠାରେ ଜାଣି-ପାରିବ ?

—ମୁଁ ଜାଣିବି କେମିତି ?

ବୀରେନ୍ଦ୍ର ଆସିବା ଆଗ ଦିନ ତୁମେ ଆଲମିରା ଖୋଲି ତାକୁ ଏପାଖ ସେପାଖ କରିବାର ମୁଁ ଦେଖିଛି ।

—ମିଛ ।

—ମୁଁ ଯେ ନିଜ ଆଖିରେ ଦେଖିଛି ।

—ଭୁଲ୍ ଦେଖିଛ ।

—ନା ।

-ମୋ ସମ୍ପର୍କରେ ତୁମ ମନରେ ସନ୍ଦେହର ଛାୟା ବେଶ୍ ଘନଭୂତ ଦେଖୁଛି ।

ତପତୀ ଗ୍ଲାସରେ ଆଉ କିଛି ମଦ ଢାଳିନେଇ ଚୁମୁକ ଦେବାକୁ ଲାଗିଲା । ତପତୀ ହାତରୁ ଗ୍ଲାସ ନେଲା ତନୟ ।

ତାକୁ ଶୁଆଇ ଦେଲା ବିଛଣା ଉପରେ । ହଠାତ୍ କରୁଣ କଣ୍ଠରେ କାନ୍ଦିଉଠିଲା ତପତୀ । ତନୟ ଛାତିରେ ମୁଣ୍ଡ ରଖି କାନ୍ଦୁ କାନ୍ଦୁ କହିଲା—ମୁଁ ମରିବାକୁ ଚାହେଁନା ।

ତନୟ ତପତୀ ମୁଣ୍ଡରେ ହାତ ବୁଲାଇ କହିଲା— ଡୋଣ୍ଟ ବି ସେଣ୍ଟିମେଣ୍ଟାଲ୍···ଶୋଇପଡ଼ ।

ଅନେକକ୍ଷଣ ପର୍ଯ୍ୟନ୍ତ କାନ୍ଦିଲା ତପତୀ । ତା'ପରେ ଏକ ସମୟରେ କାନ୍ଦଣା ଥମିଗଲା ତା'ର । ଶୋଇପଡ଼ିଲା ସେ । ଦ୍ରୁତର ଶ୍ୱାସ ପ୍ରଶ୍ୱାସ ଶବ୍ଦ ତନୟ କାନରେ ବାଜୁଛି ।

ତନୟ ଆଖି ବୁଜିଲା ।

ବୀରେନ୍ଦ୍ରର ସ୍ମୃତି କ'ଣ ସାରା ଜୀବନ ଏମିତି ଯନ୍ତ୍ରଣା ଦେବ ତାକୁ ? ଏଇ ଯନ୍ତ୍ରଣା ସହ୍ୟ ହେଉନ । ଏହାର ଅବସାନ ହେବା ଉଚିତ । ମୁଣ୍ଡ ଭାରହୋଇ ଆସୁଛି । ଛାତି ଭିତର କେମିତି ଲାଗୁଛି । ଦୂରରେ

କେଉଁଠାରେ କୁକୁର ଡାକିଉଠିଲା । ଶୋଇପଡ଼ିଲା ବିନୟ । ଅନେକ ସମୟ ଧରି ନିଃଶବ୍ଦ ପରିବେଶ ।

ତା'ପରେ ତପତୀ ଉଠି ବସିଲା ବିଛଣା ଉପରେ । ଘୁମନ୍ତ ବିନୟକୁ ଭଲଭାବେ ଦେଖିଲା । ଓହ୍ଲାଇ ଆସିଲା ତଳକୁ । ନାଇଟ୍ ଗାଉନ୍ ଛାଡ଼ି ଶାଢ଼ୀ ଜଡ଼ାଇ ନେଲା ଦେହରେ । ଗୋଟାଏ ଚମଡ଼ା ସୁଟ୍‌କେସ ହାତରେ ନେଇ ଖୋଲି ଥରେ ଭିତରର ଜିନିଷଗୁଡ଼ାକ ଉପରେ ଆଖି ବୁଲାଇ ଆଣିଲା । ମନେ ମନେ ହସିଲା ସେ ।

ଯେଉଁ ମନୁଷ୍ୟର ଘର ଥରେ ଭାଙ୍ଗିଯାଏ, ତା' ଘର ବାରମ୍ବାର ଭାଙ୍ଗେ । ଏଇ ବୋଧହୁଏ ବିଧିର ନିୟମ । ବୀରେନ୍ଦ୍ରର ଘର ଭାଙ୍ଗିଯାଇଛି । ଆଜି ବିନୟର ଘର ମଧ୍ୟ ଭାଙ୍ଗୁର ହୋଇପଡ଼ିଛି । ତାକୁ ନେଇ ସୁଖି ହୋଇପାରିବନି ତପତୀ । ଅବିଶ୍ୱାସର ଝଡ଼ ବହୁଛି ଦୁଇଟି ମନର ଆକାଶରେ । ସେଇ ଝଡ଼ କେଉଁଦିନ କ'ଣ ଥମିବ ? ତା'ଛଡ଼ା ନରଖାଦକଙ୍କୁ ବିଶ୍ୱାସ କରିବ କିଏ ? କେହି ନୁହେଁ—

ଦରଜା ଖୋଲି ବାଲ୍‌କୋନିକୁ ଆସିଲା ତପତୀ । ତା'ପରେ କରିଡ଼ର ପାରହୋଇ ପାହାଚ ଅତିକ୍ରମ

Deb's Library Corner...

ଭର ଅନ୍ଧକାର ରାସ୍ତାକୁ ଉଦ୍ଭାସି ଆସିଲା । ଦ୍ରୁତ ପଦରେ ଆଗେଇଗଲା ଗୋଟାଏ ଆଡ଼କୁ ।

ନିର୍ଜନ ପଥ ।

ଚତୁର୍ଦ୍ଦିଗ ନିସ୍ତବ୍ଧ ।

ଗୋଟାଏ କୁକୁର ତାକୁ ଦେଖି ଭୁକିଉଠିଲା । ଉପଶ୍ରୀର କିନ୍ତୁ ସେଥିପ୍ରତି ଭ୍ରୁକ୍ଷେପ ନାହିଁ । ଆଗେଇ ଚାଲିଛି ସେ । ଆଉ ଟିକେ ଆଗେଇଗଲେ ପାର୍କ ରୋଡ଼ । ସେଇ ରାସ୍ତାରେ 'ଉପ୍ୟୁଲ ବ୍ଲୁ' ହୋଟେଲ ।

ଯେଉଁ ଜୀବନରେ ବିଶ୍ୱାସର ଅଭାବ, ସେଠାରେ ଭଲପାଇବା ବସାବାନ୍ଧି ପାରେନା । ଭଲପାଇବା ହୀନ ଜୀବନର ପ୍ରୟୋଜନ ଉପଶ୍ରୀର ନାହିଁ । ଭିନସୁ ତା'ର ଜୀବନକୁ ରାହୁଗ୍ରସ୍ତ କରି ଦେଇଛି । ସେଇ ରାହୁ ହାତରୁ ମୁକ୍ତି ପାଇବାକୁ ଚାହେଁ ଉପଶ୍ରୀ ।

ଉପଶ୍ରୀ ଭଲ ପାଇବ ସନତକୁ । ତା ମଧ୍ୟରେ ସେ ଆଜି ପାଇଛି ବୀରେନ୍ଦ୍ରର ସ୍ପର୍ଶ । ସନତକୁ ସେଇଥି-ପାଇଁ ଫେରାଇ ଦେଇଛି ସେ । ସନତର ଅନ୍ତରରେ ଭଲପାଇବ ବୀରେନ୍ଦ୍ରକୁ ।

ସବୁ ରାସ୍ତା ଦେଇ ଉପରକୁ ଉଠିଲା ଚମ୍ପତି । ସାମନା ହୋଟେଲରେ ସନତ ଥାଏ । ହୋଟେଲର ତିନି ମହଲାକୁ ଉଠି ଆସି ଏକଷଠି ନମ୍ବର ରୁମ ସାମନାରେ ଚମ୍ପତି ଠିଆହେଲା । ସୁଟ୍‌କେସ୍‌କୁ ପାଦ ପାଖରେ ରଖି କଲିଂବେଲର ସୁଇଚ୍‌ରେ ଚାପ ଦେବା-ଲାଗି ଅଙ୍ଗୁଳି ବଢାଇଲା ।

ଆଉ ଠିକ୍ ଏଇ ସମୟରେ କାନରେ ବାଜିଲା ଏକ ଗମ୍ଭୀର କଣ୍ଠସ୍ୱର —ଠିଆ ହୁଅ ଚମ୍ପତି । ମୋ ହାତରେ ଗନ୍ ଅଛି ।

ଚମ୍ପତି ଚମକି ଉଠିଲା । ଫେରିଚାହିଁଲା ସେ । ସେଇ ଫେଲଟ୍ ହ୍ୟାଟ୍ ପିନ୍ଧା ଲୋକଟି । ଧଇଁସଇଁ ହୋଇ ଚମ୍ପତି ପ୍ରଶ୍ନ କଲା—କିଏ ଆପଣ ?

—ମୋତେ ଚିହ୍ନି ପାରିଲନି ? ମୁଁ ସନତ ?

—ତୁମେ ତା'ହେଲେ ହୋଟେଲ ସାମନାରେ ଠିଆ ହୋଇଥିଲ ?

—ହଁ ।

—କାହିଁକି ?

—ମିଃ ପାଇନ୍ ଯେମିତି ତୁମର କୌଣସି କ୍ଷତି ନ କରି ପାରନ୍ତି ସେଇଥି ପାଇଁ ।

ଗୁଣ୍ଡ ସାହାଯ୍ୟରେ ଦରଜା ଲକ୍ ଖୋଲି ସନତ କହିଲା—ଥରେ କ୍ଷତି କରିଛି । ଆହୁରି କରିବ ।

ତପତୀ ଜଡ଼ିତ କଣ୍ଠରେ କହିଲା—ଅନେକ ଆଶା ନେଇ ମୁଁ ତୁମ ନିକଟକୁ ଚାଲି ଆସିଛି ସନତ ।

—ମୁଁ ଜାଣିଥିଲି ତୁମେ ଆସିବ । ଚାଲି ଆସିବା ହିଁ ଉଚିତ ହୋଇଛି ତୁମର ।

—ତୁମେ ମୋତେ ବଞ୍ଚାଅ ।

—ଭୟ କରନା ।

ସନତ ଆଲୋକ ଜଳାଇଲା । କ୍ଳାନ୍ତ ଆଉ ଅବସନ୍ନ ତପତୀ ଆସି ବସିଲା ସୋଫା ଉପରେ । ରୁଦ୍ଧ କଣ୍ଠରେ କହିଲା—ବାପଯୁ ମୋତେ ବିଶ୍ୱାସ କରେନା । ତୁମେ ଜାଣନା ସନତ, ସେ ମୋ ପଛରେ ଗୋଇନ୍ଦାଗିରି କରୁଛି ।

—କାହିଁକି ?

— ତାଙ୍କର ଧାରଣା ମୁଁ ବାରେନ୍ଦ୍ରଙ୍କ ହତ୍ୟାକାରୀ । ଟଙ୍କା ଲୋଭରେ ବିବାହ କରିଛି ।

—ହୁଁ ।

—ଏ ଜୀବନ ଆଉ ସହ୍ୟ କରିପାରୁନି !

—ସ୍ୱାଭାବିକ ।

ଦୀର୍ଘଶ୍ୱାସ ପକାଇଲେ ତପସ୍ୱୀ । କିଛି ସମୟ ପର୍ଯ୍ୟନ୍ତ ଉଭୟ ନୀରବ । ଅନେକକ୍ଷଣ ପରେ ହଠାତ୍ ଚମକି ଉଠି ତପସ୍ୱୀ ଡାକିଲେ—ସନତ !

—କୁହ ।

—ତୁମେ ଚୁପ୍‌କରି ରହିଲ କାହିଁକି ? କିଛି କୁହନା ।

—କ'ଣ କହିବି ?

—ଜାଣେନା । ଗୋଟାଏ କଳା ଭୟ ମୋତେ ଯେମିତି ଗ୍ରାସ କରିବାକୁ ଚାହୁଁଛି । ସେଇ ଭୟ ହାତରୁ ମୁକ୍ତି ପାଇବାକୁ ଚାହେଁ ମୁଁ ।

ସନତ ହସିଲା । ତପସ୍ୱୀ ନିକଟକୁ ଆସି ତା'ର ମୁଣ୍ଡ ଉପରେ ଗୋଟାଏ ହାତ ରଖି କହିଲା—ଭଗବାନଙ୍କ ନିକଟରେ ଶାନ୍ତି ନିମନ୍ତେ ପ୍ରାର୍ଥନା କର ତପସ୍ୱୀ ।

ତପସ୍ୱୀ ମୁଣ୍ଡ ଟୁଙ୍କାଇଲା । ଭଣ୍ ଭଣ୍ କରି କ'ଣ ଯେମିତି କହିଲା କିଛି ଶୁଣାଗଲାନି । ସନତ କହିଲା—ପାପ କଲେ ପ୍ରାୟଶ୍ଚିତ୍ତ କରିବାକୁ ହୁଏ । ଗୋଟାଏ ଟୁଙ୍କରେ ପାପ କାର୍ଯ୍ୟ କରିବା ଉଚିତ ହୋଇନି ।

—ପାପ ? ତପତୀର କଣ୍ଠସ୍ୱର ତୀକ୍ଷ୍ଣ ହୋଇ ଉଠିଲା । କହିଲା—ମୁଁ କୌଣସି ପାପ କରିନି ସନତ ।

ସନତ ମୃଦୁ ହସିଲା । ଗୋଟାଏ ଆଟାଚିକେସ୍ ଭିତରୁ କନାରେ ଗୁଡ଼ା ହୋଇଥିବା କିଛି ବାହାର କରି ନେଇ ଆସିଲା ତପତୀ ନିକଟକୁ । କନା ଖୋଲିବା ପରେ ଦେଖାଗଲା ଗୋଟାଏ ରିଭଲଭର୍ । ପଚାରିଲା—ଚିହ୍ନି ପାରୁଛ ତପତୀ ?

—ଗୋଟାଏ ରିଭଲଭର୍ ।

—ବୀରେନ୍ଦ୍ର ସାହାଣୀଙ୍କ ମୋଟର ଆକ୍ସିଡେଣ୍ଟ ଯେଉଁଠାରେ ହୋଇଥିଲା, ସେଠାରୁ ମିଳିଛି । ଯାହା ଉପରେ ଆଉ ତା' ଦେହରେ ରହିଛି ତୁମ ଅଙ୍ଗୁଳିର ସ୍ପଷ୍ଟ ଛାପ ।

—କିନ୍ତୁ···କିନ୍ତୁ ମୁଁ ତ ଖୁନ୍ କରିନି···

—ସ୍ୱୀକାରୋକ୍ତି ମନୁଷ୍ୟଙ୍କୁ ଅନେକ ଶାନ୍ତି ଦିଏ ।

ଦୁଇ ହାତରେ ମୁହଁ ଢାଙ୍କିଲା ତପତୀ । ଅନେକ ସମୟ ଚୁପ୍‌କରି ରହିଲା । ସେ କାନ୍ଦୁଛି । ସନତ ଘରର ଉଜ୍ଜ୍ୱଳ ଆଲୋକ ଲିଭାଇ ଦେଇ ଏକ ନୀଳ ବଲବ୍ ଜଳାଇ ଦେଲା । ହାଲକା ନୀଳ ଆଲୋକରେ

ଭିତରଗଲା ଘର ଭିତର । ସନତ ତପତୀର ପିଠି ଉପରେ ହାତରଖି କହିଲା—କାନ୍ଦନା ।

ତପତୀ କାନ୍ଦି କାନ୍ଦି କହିଲା—ତୁମେ ମଧ୍ୟ ମୋର କ୍ଷତି କରିବାକୁ ଚାହୁଁଛ ସନତ ?

ସନତ ମୁଣ୍ଡ ହଲାଇ କହିଲା—ନା, ମୁଁ ଚାହୁଁଛି ସତ୍ୟକୁ ଉଦ୍‌ଘାଟିତ କରିବାକୁ । ତୁମେ ବୀରେନ୍ଦ୍ରଙ୍କୁ କାହିଁକି ଖୁନ୍ କଲ ତପତୀ ?

—ମୁଁ...ମୁଁ ବୀରେନ୍ଦ୍ରଙ୍କୁ ଖୁନ୍ କରିବାକୁ ଚାହିଁନି । ଚାହିଁଥିଲି ତାଙ୍କୁ ବଞ୍ଚାଇବାକୁ । କିନ୍ତୁ ମଣିଷ ଚାହେଁ ଗୋଟାଏ କଥା, ଆଉ ହୁଏ ଅନ୍ୟକଥା ।

ସତରେ ବୀରେନ୍ଦ୍ରକୁ ବଞ୍ଚାଇବାକୁ ଚାହିଁଥିଲା ତପତୀ ?

ବୀରେନ୍ଦ୍ରର ଆଗମନ ବାର୍ତ୍ତା ପାଇ ଜନପ୍ରିୟ କିନ୍ତୁ ଆଦୌ ସୁଖୀ ହୋଇନି ବରଂ ଗମ୍ଭୀର ହୋଇ ଯାଇଥିଲା । ଆଖି ଦୁଇଟିରେ ଫୁଟି ଉଠିଥିଲା ଘୃଣା ହସ । ମନେ ମନେ କ'ଣ ଏକ ମତଲବ ଠିକ୍ କରିଥିଲା ସେ ।

ଆଗଦିନ ରାତିରେ ଡିନର ଶେଷ କରି ନିଜ ଘରକୁ ଫିବା ସମୟରେ ଜନପ୍ରିୟ କହିଥିଲା, ମୁଁ କିନ୍ତୁ ତୁମକୁ ହରାଇ ପାରିବିନି ତପତୀ ।

ତପସ୍ୱୀ ନିରୁପାୟ ଭଳି କହିଥିଲା—କ'ଣ କରିବାକୁ ଚାହଁ ତୁମେ ?

—ବୀରେନ୍ଦ୍ରକୁ ମୁଁ ଦୂରେଇ ଦେବି ।

ଭୟରେ ତପସ୍ୱୀ କହି ଉଠିଥିଲା—ଏମିତି କୁହନା ବିନୟ ।

ବିନୟର ଆଖିରେ ମୁହଁରେ ବିଜୟ ହସ ।

ପରଦିନ ଶିକାର କରିବାକୁ ଯିବା କଥା କହି ଅପରାହ୍ନରେ ବିନୟ ରାଇଫେଲ ନେଇ ଜଙ୍ଗଲକୁ ଚାଲିଗଲା । ଛାତି ଦୁରୁ ଦୁରୁ କରି ଉଠିଲା ତପସ୍ୱୀର । ଭୟରେ ଭାବନାରେ କାତର ତପସ୍ୱୀ ଅନେକକ୍ଷଣ ନିଜ ସଙ୍ଗେ ଯୁଦ୍ଧ କରି କୌଣସି ସାନ୍ତ୍ୱନା ନ ପାଇ ସେ ମଧ୍ୟ ବାହାରି ପଡ଼ିଥିଲା ବ୍ଲାଉଜ୍ ତଳେ ରିଭଲଭର୍ ନେଇ । ତା'ପରେ ଝରଣା ପାଖରେ ଅପେକ୍ଷା କରିଥିଲା ବୀରେନ୍ଦ୍ର ପାଇଁ । ତା'ର ଉଦ୍ଦେଶ୍ୟ ଥିଲା ବୀରେନ୍ଦ୍ରକୁ ବିନୟ ହାତରୁ ବଞ୍ଚାଇବା ।

କିଛି ସମୟ ପରେ ବୀରେନ୍ଦ୍ରର ଗାଡ଼ି ଅଟକାଇଲା ବୀରେନ୍ଦ୍ର । ଅବାକ୍ ହୋଇ ପଚାରିଲା—ତୁମେ ଏଠାରେ ?

ତପସ୍ୱୀ ହସି ହସି କହିଲା—ତୁମର ଅଭ୍ୟର୍ଥନା ଲାଗି ଆସିଛି ।

—ଏକା କାହିଁକି ? ତୁମ ପ୍ରେମିକ କେଉଁଠାରେ ?

—କାହା କଥା କହୁଛ ତୁମେ ?

—କିଏ ଆଉ, ଜନସ୍ ଗାଇନ୍ ।

—କ'ଣ କହୁଛ ତୁମେ ଏସବୁ ?

ତପତୀ ନିକଟରେ ପରିଷ୍କାର ହୋଇଯାଇଥିଲା ଅନେକ କଥା । ସମରଞ୍ଜନ ଛଡ଼ା ଆଉ କେହି କହି ନାହାନ୍ତି ଏକଥା । ସେ ଦୁଃଖ କରି କହିଲା—ଅପର ଲୋକଙ୍କ ମୁହଁରୁ କଥା ଶୁଣି ମୋତେ ଭୁଲ ବୁଝନା ।

ବୀରେନ୍ଦ୍ର ଚିତ୍କାର କରି ଉଠିଥିଲା—ତୁମେ ଜଣେ ନଷ୍ଟ ନାରୀ ।

—ମାନେ ?

—ମୁଁ ତୁମ ମୁହଁ ଦେଖିବାକୁ ଚାହେଁନା ।

ସେଇ ବନପଥରେ ଠିଆହେଇ ଅନେକକ୍ଷଣ ତର୍କ ବିତର୍କ କରିଥିଲେ ସେମାନେ । ଆଜି ସେଇ ତର୍କର ଶେଷ ହୋଇ ନ ଥାଆନ୍ତା ଯଦି ତପତୀ··· । ବ୍ଲାଉଜ୍ ଭିତରୁ ରିଭଲଭର୍ ବାହାର କରି ହଠାତ୍ ବୀରେନ୍ଦ୍ର ଆଡ଼କୁ ଟେକିଧରିଲା ସେ ।

ବୀରେନ୍ଦ୍ର ଧୀରସ୍ଥିର କଣ୍ଠରେ କହିଲା—ତା'ହେଲେ ପ୍ରସ୍ତୁତ ହୋଇଆସିଛ ?

ତପତୀ କଠିନ କଣ୍ଠରେ କହିଲା—ତୁମକୁ ଖୁନ୍ କରି ମୁଁ ନିଜକୁ ଶେଷ କରିବି ।

—ନିଜକୁ ଶେଷ କରିବ ? ତା'ହେଲେ ତୁମ ପ୍ରେମିକର କ'ଣ ହେବ ?

—ତୁମର ମରିବା ଉଚିତ ।

ହଠାତ୍ ବୀରେନ୍ଦ୍ର ଧରିପକାଇଲା ତପତୀର ହାତ । କିନ୍ତୁ ତା' ଆଗରୁ ତପତୀର ଅଙ୍ଗୁଳି ଚାପ ଲାଗିଛି ଟ୍ରିଗାର ଉପରେ । ପ୍ରଚଣ୍ଡ ଶବ୍ଦରେ ଗୁଳି ଛୁଟିକି ବାହାରିଗଲା । ପ୍ରତିବାଦ କରିବାର ଅବସର ପାଇନି ବୀରେନ୍ଦ୍ର । ଗାଡ଼ିରେ ଢଳିପଡ଼ିଲା ସେ ।

ଏଇ ଦୁର୍ଘଟଣା କହି ତପତୀ ଥମିଗଲା ।

ସନତ ପ୍ରଶ୍ନ କଲା—ତୁମେ ବୋଧହୁଏ ଗାଡ଼ି ଖାତରେ ଫିଙ୍ଗି ଦେଇଥିଲ ?

—ହଁ, ତା'ଛଡ଼ା ଆଉ ଅନ୍ୟ ଉପାୟ ନ ଥିଲା ।

—ରିଭଲଭର୍ ଫିଙ୍ଗି ଦେଇଛ ରାସ୍ତା ଧାରରେ ?

—ନା, ସାଙ୍ଗରେ ନେଇ ଆସିଥିଲି । ମୋ ସୁଟ୍‌କେଶ ଭିତରେ ଏବେ ମଧ୍ୟ ରହିଛି ।

ସନତର ମନେହେଲା ତପତୀ ବୋଧହୁଏ କାନ୍ଦି ପକାଇବ । କିନ୍ତୁ କାନ୍ଦିଲାନି ସେ । ସୋଫାରେ ଆଉଜି ବସି ଆଖି ବୁଜିଲା ।

ସେ କହୁଛୁ ଘବୁଛୁ ନା ଶୋଇପଡ଼ଲ ।

— ତପତୀ !

—ଉଁ ।

—ଅବେକ ସବ୍ବୁତ ଯୁଦ୍ଧକଳା ଷତବିଷତ ହୋଇ-ପଡ଼ଛ ତୁମେ ।

ତପତୀ କ୍ଲାନ୍ତ କଣ୍ଠରେ କହିଲା—ଘରର ଆଲୋକ ଲିଭାଇ ଦିଅ । ମୁଁ ଟିକେ ଶୋଇବି ।

—ଆଲ ଆଲୋକଟା ଥାଉ ।

—କାହିଁକ ?

ବର୍ତ୍ତମାନ ଖନା କାଉଲ ଆଉ ଇନ୍‌ସ୍‌ପେକ୍ଟର ବଡ଼ାଲ ଆସି ପହଞ୍ଚି ଯିବେ ।

ତପତୀ ସିଧାହୋଇ ବସିଲା । ମୁଖମଣ୍ଡଳରେ ତା'ର ଫୁଟିଉଠିଲ ଅବ୍ୟକ୍ତ ବିସ୍ମୟ । ଅସ୍ଫୁଟ କଣ୍ଠରେ କହିଲା—ସେମାନେ ଆସିବେ କାହିଁକ ?

ସନତ ଖଣ୍ଡିଏ ସିଗାରେଟ୍‌ରେ ନିଆଁ ଧରାଇ କହିଲା—ତୁମରି ସନ୍ଧାନରେ ।

ସନତ ! ସନତ···ତୁମେ ?

ସନତ ମ୍ଳାନ ହସିଲା । କହିଲା—ତୁମ ପାଇଁ ମୁଁ ଖୁବ୍ ଦୁଃଖିତ ତପତୀ । ତେବେ ମୁଁ ସନତ ଚୌଧୁରୀ ନୁହେଁ, ସେଇଟା ମୋର ଛଦ୍ମ ବେଶ ।

—ମାନେ ? ତୁମେ ତା'ହେଲେ କିଏ ?

Deb's Library Corner...

—ମୁଁ କହୁଛି ନସ କିଏ ?

ଭୃତ୍ୟଙ୍କ କଣ୍ଠ ଶୁଣି ଦୁହେଁ ଚାହିଁଲେ ସାମନାର ପରଦା ଆଡ଼କୁ । ଶିନା ବାହାରି ଠିଆ ହୋଇଛି । ଶିନା ପାଖକୁ ଆସି କହିଲା—ଉପଟୀ ଦିଦି ! ସେ ବିଜୟ ଦାସ । ସ୍ପେଶାଲ ସି. ଭି. ଆଇ. ଅଫିସର ।

—ସି ଭି. ଆଇ. ଅଫିସର ?

—ହଁ ।

—ଓ, ଆଉ ତୁମେ ?

—ମୁଁ ପୋଲିସର ଲୋକ । ଜଣେ ସି. ଆଇ. ଡି. ଏଜେଣ୍ଟ । ତୁମେ ଯେତେବେଳେ ବିଜୟ ପାଇନ୍‌ଙ୍କୁ ବିବାହ କଲ, ସେତେବେଳେ ଇନସ୍‌ପେକ୍ଟର ବଡ଼ାଲ ବୀରେନ୍ଦ୍ର ବାବୁଙ୍କ ମୃତ୍ୟୁ ରହସ୍ୟର କେସ୍‌ରେ ପୁନର୍ବାର ତତ୍ପର ହୋଇ ଉଠିଲେ । ଆମ ନିକଟରେ ତୁମର ମୋଟିଭ୍ ଧରାପଡ଼ି ଯାଇଥିଲା ।

ଉପଟୀ ମ୍ଳାନ କଣ୍ଠରେ କହିଲା—କିନ୍ତୁ…କିନ୍ତୁ ବୀରେନ୍ଦ୍ରଙ୍କୁ ମୁଁ ଯେ ବଞ୍ଚାଇବାକୁ ଚାହିଁଥିଲି ।

—ବିଜୟ ପାଇନ୍‌ଙ୍କୁ ଜୀବନରେ ଅବଲମ୍ବନ ହିସାବରେ ପାଇଥିଲ ବୋଲି ବୀରେନ୍ଦ୍ର ବାବୁଙ୍କୁ ଖୁନ୍ କରି ପାରିଲ ।

ବାହାରେ ଗାଡ଼ିର ହର୍ଣ୍ଣ ବାଜିଉଠିଲା କେଇଥର ।

ସୀନା କହିଲା—ଇନସପେକ୍ଟର ବଣ୍ଡାଲ ଆମପାଇଁ ଗାଡ଼ିରେ ଅପେକ୍ଷା କରିଛନ୍ତି ।

ଉପଗତୀ ଉଠି ଠିଆହେଲେ । ମୃଦୁ ହସ ଫୁଟି ଉଠିଲା ତା' ଓଠରେ । କହିଲା—ଅସଲ ଶଇଲଭର୍ ଚିମ ସୁଟ୍‌କେଶରେ ଯାଇବ ।

ସନତ ଓରଫ ବିଜୟ କହିଲେ—ଧନ୍ୟବାଦ ।

ଗାଡ଼ିର ଘଣ୍ଟି ପୁଣିଥରେ ବାଜିଲା । ଉପଗତୀ ବିନା ବାକ୍ୟ ବ୍ୟୟରେ ଆଗେଇ ଗଲା ସୀନା ସାଥିରେ ବାହାରକୁ । ଯିବା ପୂର୍ବରୁ ଥରେ ପଛକୁ ଫେରି ଚାହିଁଲା ସେ । ଦେଖିଲା ବିଜୟ ଦାସ ଆଖିରେ କାହିଁକି କେଜାଣି ଲୁହ ଝଲମଲ କରୁଛି ।

ପରବର୍ତ୍ତୀ ଆକର୍ଷଣ—

ପ୍ରମୋଦ କିଶୋର ପଣ୍ଡାଙ୍କ ଲିଖିତ

ଗୁପ୍ତ ଘାତକ

Digitized by :-
Deb’s Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :- https://t.me/debslibrarycorner